# କଟକ ମହାନଗର ନିଗମ ଷଷ୍ଠ ସାଧାରଣ ବୈଠକ ବିବରଣୀ

**ତା. ୨୯.୦୯.୨୦୧୪ ରିଖ , ସମୟ : ପୁର୍ବାହ୍ନ - ୧୧.୦୦ ଘଟିକା,**

**ସ୍ଥାନ : ବିଶ୍ୱନାଥ ପଣ୍ଡିତ ସମ୍ମିଳନୀ କକ୍ଷ**

ଅଦ୍ୟ ତା ୨୯.୦୯.୨୦୧୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କଟକ ମହାନଗର ନିଗମର ଷଷ୍ଠ ସାଧାରଣ ଅଧିବେଶନ ନିଗମ ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର ଶ୍ରୀଯୁକ୍ତା ଅନିତା ବେହେରା ସଭାପତିତ୍ୱ କରିଥିଲେ।

## ଉପସ୍ଥିତ ସଭ୍ୟ / ସଭ୍ୟା

**ସର୍ବଶ୍ରୀ**

| | | |
|---|---|---|
| ୧. | ଶ୍ରୀଯୁକ୍ତ ଅଜୟ କୁମାର ବାରିକ, | ଡେପୁଟି ମେୟର, ୱାର୍ଡ଼ ନଂ-୩୬ |
| ୨. | ସୁଶ୍ରୀ ଇତିଶ୍ରୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୦୨ |
| ୩. | ସୁଶ୍ରୀ ସେବତୀ ମାଝୀ | କର୍ପୋରେଟର, ୱାର୍ଡ଼ ନଂ. – ୦୩ |
| ୪. | ଶ୍ରୀଯୁକ୍ତା ଗିରିବାଳା ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୪ |
| ୫. | ଶ୍ରୀଯୁକ୍ତା ସୁପ୍ରିୟା ରାଉତ | କର୍ପୋରେଟର, ୱାର୍ଡ଼ ନଂ. – ୦୫ |
| ୬. | ଶ୍ରୀଯୁକ୍ତା ସଞ୍ଜୁକ୍ତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୦୬ |
| ୭. | ଶ୍ରୀଯୁକ୍ତା ରଞ୍ଜିତା ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୦୭ |
| ୮. | ଶ୍ରୀଯୁକ୍ତା ନମିତା ବାରିକ, | କର୍ପୋରେଟର, ୱାର୍ଡ଼ ନଂ. – ୦୮ |
| ୯. | ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା | କର୍ପୋରେଟର, ୱାର୍ଡ଼ ନଂ. – ୦୯ |
| ୧୦. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ସାଇଁ | କର୍ପୋରେଟର, ୱାର୍ଡ଼ ନଂ. – ୧୦ |
| ୧୧. | ଶ୍ରୀଯୁକ୍ତ ବିଜୟ ଦଳେଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୧ |
| ୧୨. | ଶ୍ରୀଯୁକ୍ତ ଶିବ ପ୍ରସାଦ ଦଳାଇ, | କର୍ପୋରେଟର, ୱାର୍ଡ଼ ନଂ. – ୧୨ |
| ୧୩. | ସୁଶ୍ରୀ ପଦ୍ମା ଭୂୟାଁ | କର୍ପୋରେଟର, ୱାର୍ଡ଼ ନଂ. – ୧୩ |
| ୧୪. | ଶ୍ରୀଯୁକ୍ତା ଅଞ୍ଜୁଶ୍ରୀ ଜେନା | କର୍ପୋରେଟର, ୱାର୍ଡ଼ ନଂ. – ୧୪ |
| ୧୫. | ଶ୍ରୀଯୁକ୍ତ ରମଜାନ ଖାନ | କର୍ପୋରେଟର, ୱାର୍ଡ଼ ନଂ. – ୧୬ |
| ୧୬. | ଶ୍ରୀଯୁକ୍ତା ଏ. ଶ୍ରୀଦେବୀ | କର୍ପୋରେଟର, ୱାର୍ଡ଼ ନଂ. – ୧୭ |
| ୧୭. | ଶ୍ରୀଯୁକ୍ତ ଅରୁଣ କୁମାର ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୧୮ |
| ୧୮. | ଶ୍ରୀଯୁକ୍ତା ଚାରୁଲତା ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୧୯ |
| ୧୯. | ଶ୍ରୀଯୁକ୍ତ ଅଜୟ ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୨୦ |
| ୨୦. | ଶ୍ରୀଯୁକ୍ତା ଅନିତା ନାୟକ | କର୍ପୋରେଟର, ୱାର୍ଡ଼ ନଂ. – ୨୨ |
| ୨୧. | ଶ୍ରୀଯୁକ୍ତ ସେକ୍ ସମିମ୍ ଉଲ୍ଲା | କର୍ପୋରେଟର, ୱାର୍ଡ଼ ନଂ. – ୨୩ |
| ୨୨. | ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ | କର୍ପୋରେଟର, ୱାର୍ଡ଼ ନଂ. – ୨୪ |
| ୨୩. | ଶ୍ରୀଯୁକ୍ତା ପାରୁଲ ଜୟସ୍ୱାଲ, | କର୍ପୋରେଟର, ୱାର୍ଡ଼ ନଂ. – ୨୫ |
| ୨୪. | ଶ୍ରୀଯୁକ୍ତା କାଂଚନ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୬ |
| ୨୫. | ଶ୍ରୀଯୁକ୍ତା ଇତିଶ୍ରୀ ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୨୭ |
| ୨୬. | ଶ୍ରୀଯୁକ୍ତା ବୈଶାଳୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୨୮ |

| | | |
|---|---|---|
| ୨୭. | ଶ୍ରୀଯୁକ୍ତା ମଞ୍ଜୁଲତା ପୃଷ୍ଟି, | କର୍ପୋରେଟର, ୱାର୍ଡ଼ ନଂ. –୨୯ |
| ୨୮. | ସୁଶ୍ରୀ ନମିତା ଦାସ, | କର୍ପୋରେଟର, ୱାର୍ଡ଼ ନଂ. – ୩୦ |
| ୨୯. | ଶ୍ରୀଯୁକ୍ତ ବିଜୟ କୁମାର ସାହୁ | କର୍ପୋରେଟର, ୱାର୍ଡ଼ ନଂ. – ୩୧ |
| ୩୦. | ଶ୍ରୀଯୁକ୍ତା ତଅପୋଇ ଦେଇ @ ସେଠୀ | କର୍ପୋରେଟର, ୱାର୍ଡ଼ ନଂ. – ୩୨ |
| ୩୧. | ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୩ |
| ୩୨. | ଶ୍ରୀଯୁକ୍ତା ନମିତା  ମଞ୍ଜରୀ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୩୪ |
| ୩୩. | ଶ୍ରୀଯୁକ୍ତା ଦିପାଳୀବାଳା ଭୂୟାଁ, | କର୍ପୋରେଟର, ୱାର୍ଡ଼ ନଂ. – ୩୫ |
| ୩୪. | ଶ୍ରୀଯକ୍ତ ଧର୍ମାନନ୍ଦ ପାତ୍ର | କର୍ପୋରେଟର, ୱାର୍ଡ଼ ନଂ. – ୩୭ |
| ୩୫. | ଶ୍ରୀଯୁକ୍ତ ଅନିଲ ନିଳାଦ୍ରୀ , | କର୍ପୋରେଟର, ୱାର୍ଡ଼ ନଂ. – ୩୮ |
| ୩୬. | ଶ୍ରୀଯୁକ୍ତା ସୁଲୋଚନା ସେଠୀ, | କର୍ପୋରେଟର, ୱାର୍ଡ଼ ନଂ. – ୩୯ |
| ୩୭. | ଶ୍ରୀଯୁକ୍ତ ଜୟଦେବ ଜେନା, | କର୍ପୋରେଟର, ୱାର୍ଡ଼ ନଂ. – ୪୦ |
| ୩୮. | ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୧ |
| ୩୯. | ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, | କର୍ପୋରେଟର, ୱାର୍ଡ଼ ନଂ. – ୪୨ |
| ୪୦. | ସୁଶ୍ରୀ ପ୍ରମିଳା ମହାନ୍ତି | କର୍ପୋରେଟର, ୱାର୍ଡ଼ ନଂ. – ୪୩ |
| ୪୧. | ଶ୍ରୀଯୁକ୍ତା ଚିତ୍ରା ଖୁଣ୍ଟିଆ, | କର୍ପୋରେଟର, ୱାର୍ଡ଼ ନଂ. – ୪୪ |
| ୪୨. | ଶ୍ରୀଯୁକ୍ତା ମିନାକ୍ଷୀ ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୪୫ |
| ୪୩. | ଶ୍ରୀଯୁକ୍ତା ପ୍ରଳୟା ବେଉରା, | କର୍ପୋରେଟର, ୱାର୍ଡ଼ ନଂ. – ୪୬ |
| ୪୪. | ଶ୍ରୀଯୁକ୍ତା କବିତା ଖଣ୍ଡାୟୀ, | କର୍ପୋରେଟର, ୱାର୍ଡ଼ ନଂ. – ୪୭ |
| ୪୫. | ଶ୍ରୀଯୁକ୍ତ ନିରୋଦ ଚନ୍ଦ୍ର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୪୮ |
| ୪୬. | ଶ୍ରୀଯୁକ୍ତ ଦୟାନିଧି ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୪୯ |
| ୪୭. | ଶ୍ରୀଯୁକ୍ତା ଦିପ୍ତି ପ୍ରଜ୍ଞା ମହାନ୍ତି, | କର୍ପୋରେଟର, ୱାର୍ଡ଼ ନଂ. – ୫୦ |
| ୪୮. | ଶ୍ରୀଯୁକ୍ତା ମମତା ବେହେରା, | କର୍ପୋରେଟର, ୱାର୍ଡ଼ ନଂ. – ୫୧ |
| ୪୯. | ଶ୍ରୀଯୁକ୍ତ ହୃଷିକେଷ ପ୍ରଧାନ, | କର୍ପୋରେଟର, ୱାର୍ଡ଼ ନଂ. – ୫୨ |
| ୫୦. | ଶ୍ରୀଯୁକ୍ତ ପ୍ରଦୀପ କୁମାର ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. –୫୩ |
| ୫୧. | ଶ୍ରୀଯୁକ୍ତା ସୁରେଖା ସାମନ୍ତରାୟ, | କର୍ପୋରେଟର, ୱାର୍ଡ଼ ନଂ. – ୫୪ |
| ୫୨. | ଶ୍ରୀଯୁକ୍ତ ବୈଦେଶ୍ୱର ପଣ୍ଡା, | କର୍ପୋରେଟର, ୱାର୍ଡ଼ ନଂ. – ୫୫ |
| ୫୩. | ଶ୍ରୀଯୁକ୍ତ ସଞ୍ଜୟ କୁମାର ବରାଳ, | କର୍ପୋରେଟର, ୱାର୍ଡ଼ ନଂ. – ୫୬ |
| ୫୪. | ଶ୍ରୀଯୁକ୍ତ ଲଳିତ ଶେଖର ନାୟକ, | କର୍ପୋରେଟର, ୱାର୍ଡ଼ ନଂ. – ୫୭ |
| ୫୫. | ଶ୍ରୀଯୁକ୍ତା ରାଜ କୁମାରୀ ସାଇଁ, | କର୍ପୋରେଟର, ୱାର୍ଡ଼ ନଂ. – ୫୮ |
| ୫୬. | ଶ୍ରୀଯୁକ୍ତ ପ୍ରମୋଦ କୁମାର ମହାପାତ୍ର, | କର୍ପୋରେଟର, ୱାର୍ଡ଼ ନଂ. – ୫୯ |

## ଉପସ୍ଥିତ ପଦାଧିକାରୀ

| | | |
|---|---|---|
| ୧. | ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ | କମିଶନର |
| ୨. | ଶ୍ରୀଯୁକ୍ତ ଉମାକାନ୍ତ ଗଡ଼ନାୟକ | ନଗର ଯନ୍ତ୍ରୀ |
| ୩. | ଡାକ୍ତର ବିଭୁ ପ୍ରସାଦ ମିଶ୍ର | ନଗରସ୍ୱାସ୍ଥ୍ୟ ଅଧିକାରୀ |
| ୪. | ଶ୍ରୀଯୁକ୍ତ ଧିରେନ କୁମାର ପୃଷ୍ଟି | ନିର୍ବାହୀ ଯନ୍ତ୍ରୀ -୧ |
| ୫. | ଶ୍ରୀଯୁକ୍ତ ଲଳିତ ମୋହନ ଦାସ | ନିର୍ବାହୀ ଯନ୍ତ୍ରୀ -୨ |
| ୬. | ଶ୍ରୀଯୁକ୍ତ ଅଜୟ କୁମାର ସେଠୀ | ବିତ ଅଧିକାରୀ |

୭. ଶ୍ରୀଯୁକ୍ତ ଲକ୍ଷ୍ମୀଧର ନାଥ — ସେକ୍ରେଟାରୀ
୮. ଶ୍ରୀଯୁକ୍ତ ବିଜୟ କୁମାର ଦାଶ — ରିକଭରୀ ଅଫିସର
୯. ଶ୍ରୀଯୁକ୍ତ ନର୍ମଳ ଚନ୍ଦ୍ର ନାୟକ — ଉପ ସଚିବ
୧୦. ଶ୍ରୀଯୁକ୍ତ ଦିବ୍ୟ ରଞ୍ଜନ ତ୍ରିପାଠୀ — ସହକାରୀ ନିର୍ବାହୀ ଯନ୍ତ୍ରୀ
୧୧. ଶ୍ରୀଯୁକ୍ତ ସୌମେନ୍ଦ୍ର କୁମାର ପଟ୍ଟନାୟକ — ସହକାରୀ ନିର୍ବାହୀ ଯନ୍ତ୍ରୀ
୧୨. ଶ୍ରୀଯୁକ୍ତ ମହେଶ ପ୍ରସାଦ ମିଶ୍ର — ସହକାରୀ ନିର୍ବାହୀ ଯନ୍ତ୍ରୀ
୧୩. ଶ୍ରୀଯୁକ୍ତ ସଞ୍ଜୟ କୁମାର ବେହେରା — ସହକାରୀ ନିର୍ବାହୀ ଯନ୍ତ୍ରୀ
୧୪. ଶ୍ରୀଯୁକ୍ତ ନନ୍ଦ କିଶୋର ପାଲ — ସହକାରୀ ନିର୍ବାହୀ ଯନ୍ତ୍ରୀ
୧୫. ଶ୍ରୀଯୁକ୍ତ ପ୍ରଭାସ କୁମାର ବିଶ୍ୱାଳ — କନିଷ୍ଠ ଯନ୍ତ୍ରୀ
୧୬. ଶ୍ରୀଯୁକ୍ତ ମାନସ କୁମାର ବିଶ୍ୱାଳ — କନିଷ୍ଠ ଯନ୍ତ୍ରୀ

ଅଧିବେଶନର ପ୍ରାରମ୍ଭରେ ମେୟର ତଥା ସଭାପତି ବୈଠକରେ ଉପସ୍ଥିତ ଥିବା ଡ଼େପୁଟି ମେୟର, ସମସ୍ତ କର୍ପୋରେଟର, କମିଶନର ତଥା ନିଗମର ସମସ୍ତ ଅଧିକାରୀ ମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆଗାମୀ ଦୁର୍ଗାପୂଜା ଉପଲକ୍ଷେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିଥିଲେ । ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଦଶହରା ଉପଲକ୍ଷେ ନିଗମ ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ନିମନ୍ତେ ସମସ୍ତ ସାହାର୍ଯ୍ୟ ଓ ସହଯୋଗ ପ୍ରାପ୍ତ ହେଉଥିବାରୁ , ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ମଧ ଜ୍ଞାପନ କରିଥିଲେ । ବୈଠକର କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନାରେ ଅଂଶ ଗ୍ରହଣ କରିବାକୁ ସେ ମଧ ସମସ୍ତଙ୍କୁ ନିବେଦନ କରିଥିଲେ ।

ଏହାପରେ କାର୍ଯ୍ୟସୂଚୀ ଅନୁଯାୟୀ ଗତ ବୈଠକରେ ଗ୍ରହଣ କରାଯାଇଥିବା ବିଭିନ୍ନ ନିଷ୍ପତି ଗୁଡ଼ିକ ଉପରେ ନିଗମର ବିଭିନ୍ନ ବିଭାଗ ଦ୍ୱାରା Action Taken Report ସମ୍ପର୍କରେ ଉପ ସଚିବ ସମ୍ୟକ ସୂଚନା ଦେଇ, ଏ ସମ୍ପର୍କରେ ବିସ୍ତୃତ ରିପୋର୍ଟ ସମସ୍ତ ସଦସ୍ୟ / ସଦସ୍ୟା ମାନଙ୍କ ଅବଗତ ନିମନ୍ତେ ପ୍ରଦାନ କରିଥିଲେ ।

**ବିଭିନ୍ନ ସଦସ୍ୟ / ସଦସ୍ୟା ମାନଙ୍କ ଦ୍ୱାରା କରାଯାଇଥିବା ଆଲୋଚନା ଓ ପ୍ରାପ୍ତ ହୋଇଥିବା ପ୍ରସ୍ତାବ:**

**ଶ୍ରୀମତୀ ଗିରିବାଳା ବେହେରା , କର୍ପୋରେଟର, ୱାର୍ଡ଼ ନଂ-୦୪ :**

- କଟକ ସହରର ସର୍ବାଙ୍ଗୀନ ବିକାଶ ଦିଗରେ ବିଭିନ୍ନ ସମୟରେ ନିଗମ ବୈଠକରେ ଗ୍ରହଣ କରାଯାଉଥିବା ନିଷ୍ପତି ଗୁଡ଼ିକ ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନଥିବାର ଅଭିଯୋଗ କରିଥିଲେ ।
- ଚଳିତ କାଉନସିଲ ଗଠନର ୬ମାସରୁ ଉର୍ଦ୍ଧ ସମୟ ମଧରେ ନିଗମ ଦ୍ୱାରା ଜନ ସାଧାରଣଙ୍କ ହୀତ ଦୃଷ୍ଟିରୁ କୌଣସି ବଡ଼ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯାଇନଥିବାର ଅଭିଯୋଗ ମଧ କରିଥିଲେ ।
- ଦୀର୍ଘ ଦିନରୁ ଅଚଳ ଅବସ୍ଥାରେ ରହିଥିବା ବୈଦ୍ୟୁତିକ ଶବଦାହ ଚୁଲାର ଯଥାଶିଘ୍ର ଆବଶ୍ୟକୀୟ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ସେ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ଗତ ତା. ୧୦.୦୬.୨୦୧୪ ରିଖ କାଉନସିଲ ବୈଠକରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ପଦ୍ମଶ୍ରୀ ସ୍ୱର୍ଗତ ବିନୋଦ କାନୁନଗୋଙ୍କ ଏକ ପ୍ରତିମୂର୍ତି ମଲାଚଣ୍ଡିଆ ଛକର ନିରୁପିତ ସ୍ଥାନରେ ପୁନଃ ସ୍ଥାପନ କରାଯିବାକୁ, ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ, ବର୍ତମାନ ସୁଦ୍ଧା ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ କରିଥିଲେ ।
- ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ, ବର୍ତମାନ ପାର୍ବଣ ସମୟ ଉପସ୍ଥିତ ହୋଇଥିଲେ ମଧ, କୌଣସି ୱାର୍ଡ଼କୁ ନୂତନ ଡ଼ଷ୍ଟବିନ ଯୋଗାଇ ଦିଆଯାଇନଥିବାରୁ, ଅଗ୍ରାଧିକାର ଭିତିରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ସେହିପରି ପୂର୍ବ ନିଷ୍ପତି ଅନୁଯାୟୀ କୌଣସି ୱାର୍ଡ଼ ମଧରେ ନୂତନ ବୈଦ୍ୟୁତିକ ଆଲୋକ ସ୍ଥାପନ ବ୍ୟବସ୍ଥା କରାଯାଇନଥିବାର ଅଭିଯୋଗ ମଧ କରିଥିଲେ ।

- ୱାର୍ଡ଼ର ମର୍କତ ନଗର ଅଂଚଳର ବିଭିନ୍ନ Garbage Point ନିୟମିତ ଆବର୍ଜନା ପରିବହନ କରାଯାଉନଥିବାର ଅଭିଯୋଗ କରି, ଜନ ସାଧାରଣ ମାନଙ୍କ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ନିଗମର ସମ୍ପୃକ୍ତ ବିଭାଗ ମାନଙ୍କ ଦ୍ୱାରା ଗୁରୁତ୍ୱ ପ୍ରଦାନ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ସେ ମଧ ସମ୍ବାଦ ପତ୍ର ମାଧମରେ ୧୭ ଲକ୍ଷ ଟଙ୍କାର ବୈଦ୍ୟୁତିକ ସାମଗ୍ରୀ ସମ୍ପର୍କରେ ପ୍ରକାଶ ପାଇଥିବା ସମ୍ବାଦ ଉପରେ ଦୃଷ୍ଟି ଆକର୍ଷଣ କରି, ଏ ଦିଗରେ ଉପଯୁକ୍ତ ତଦନ୍ତ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଏଥିପାଇଁ ପୂର୍ବରୁ ପ୍ରଦାନ କରାଯାଇଥିବା ଦାବି ପତ୍ର ସମ୍ପର୍କରେ ଅନୁଧାନ କରାଯାଇ, ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ନିଗମର ବିଭିନ୍ନ ଅଂଚଳରେ ସ୍ଥାପନ କରାଯାଇଥିବା ହୋଡ଼ିଙ୍ଗ ଗୁଡ଼ିକର ବର୍ତମାନର ସ୍ଥିତି ଏବଂ ଏ ଦିଗରେ ନିଗମର ଆୟ ସମ୍ପର୍କରେ ମଧ ସମସ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ ମଧ ବିଭିନ୍ନ ସଂସ୍ଥା ମାନଙ୍କୁ ବିଜ୍ଞାପନ ପଦର୍ଶନ ନିମନ୍ତେ ପ୍ରଦାନ କରାଯାଇଥିବା ଅନୁମତି ଏବଂ ବେଆଇନ ହୋଡ଼ିଙ୍ଗ ଗୁଡ଼ିକର ଉଚ୍ଛେଦ ସମ୍ପର୍କରେ ସ୍ପଷ୍ଟ ଚିତ୍ର ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ୱାର୍ଡ଼ର ମର୍କତ ନଗରର ବିକାଶ ନିମନ୍ତେ, ପୂର୍ବରୁ ବହୁ ଯୋଜନା କାର୍ଯ୍ୟକାରୀ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ, ଉକ୍ତ ଅଂଚଳର ରାସ୍ତାଘାଟର ଉନ୍ନତି ତଥା ବସ୍ତି ବାସିନ୍ଦାଙ୍କ ନିମନ୍ତେ କୌଣସି ନୂତନ ଯୋଜନା ବର୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇପାରିନଥିବାର ଅଭିଯୋଗ କରିଥିଲେ । ଉକ୍ତ ଅଂଚଳର ଉଠା ଦୋକାନୀ ମାନଙ୍କର ଥଇଥାନର ବ୍ୟବସ୍ଥା ନିମନ୍ତେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ ଭେଣ୍ଡିଙ୍ଗ ଯୋନ ସ୍ଥାପନ କରାଯିବାକୁ ମଧ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ପୂର୍ବରୁ ନିଗମ ଅଂଚଳରେ ରହିଥିବା କେତେକ ପ୍ରମୁଖ ଶ୍ମସାନ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ସହ, ଉକ୍ତ ଶ୍ମସାନ ଗୁଡ଼ିକ ନିମନ୍ତେ ଜଗୁଆଳୀର ବ୍ୟବସ୍ଥା ସହ ଶବଦାହ ସମ୍ପର୍କରେ Record Maintenance ବ୍ୟବସ୍ଥା କରାଯିବାକୁ ସ୍ଥିର କରାଯାଇଥିଲେ ମଧ, ଏ ଦିଗରେ ବର୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ, ଅଗ୍ରାଧିକାର ଭିତିରେ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରାଯିବାକୁ ମତ ଦେଇଥିଲେ ।
- ବିଗତ ବର୍ଷ ମାନଙ୍କର ନିଗମର ବିଭିନ୍ନ ବିଭାଗର କାର୍ଯ୍ୟ ଗୁଡ଼ିକର ସ୍ୱତନ୍ତ୍ର ଅଡ଼ିଟ କରାଯିବାକୁ ମଧ ସେ ଦାବି ଉପସ୍ଥାପନ କରିଥିଲେ ।
- ସେ ମଧ କାଉନସିଲ ଦ୍ୱାରା ବିଭିନ୍ନ ସମୟରେ ଗ୍ରହଣ କରାଯାଇଥିବା ନିଷ୍ପତି ଗୁଡ଼ିକ ଠିକ୍ ସମୟରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯାଇ, କଟକ ସହରର ସମୂହ ବିକାଶ ଦିଗରେ ସମସ୍ତଙ୍କ ସହଯୋଗ ପ୍ରଦାନ ନିମନ୍ତେ ନିବେଦନ କରିବା ସହ, ଆଗାମୀ ଦୁର୍ଗାପୂଜା ଉପଲକ୍ଷେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିଥିଲେ ।

**ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା, ଅଧକ୍ଷ, ଲାଇସେନ୍ସ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି :**

- ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରି, ନିଗମ ଅଧିନରେ ସିଡ଼ିଏ ଅଂଚଳର ବିଭିନ୍ନ ରାସ୍ତା ଗୁଡ଼ିକ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ R & B ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ ତଥା ଆବଶ୍ୟକୀୟ ମରାମତି କାର୍ଯ୍ୟ ନିମନ୍ତେ ହସ୍ତାନ୍ତର କରାଯାଇଥିବାର ସୂଚନା ପ୍ରଦାନ କରି, ବର୍ତମାନ ସୁଦ୍ଧା ପ୍ରାୟ ୩୦ କୋଟି ଟଙ୍କାର ବିଭିନ୍ନ କାର୍ଯ୍ୟ ନିମନ୍ତେ ଉକ୍ତ ବିଭାଗ ଦ୍ୱାରା ଟେଣ୍ଡର କରାଯାଇଥିବା ପ୍ରକାଶ କରିଥିଲେ ।
- ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ବିଭିନ୍ନ ବୈଦ୍ୟୁତିକ Spare Parts ସଂଗ୍ରହଣ କରାଯାଇ, ପ୍ରାୟ ପ୍ରତ୍ୟେକ ୱାର୍ଡ଼ ମଧରେ ବିଭିନ୍ନ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଥିବାର ସେ ମଧ ସୂଚନା ଦେଇଥିଲେ । ସେହିପରି ଦୁର୍ଗାପୂଜା ଉପଲକ୍ଷେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ନୂତନ ଡ଼ଷ୍ଟବିନ ଯୋଗାଇଦେବା ନିମନ୍ତେ ସମସ୍ତ ଉଦ୍ୟମ କରାଯାଉଥିବା ସେ ମଧ ପ୍ରକାଶ କରିଥିଲେ । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ନିଗମ ଅଧିନରେ ରହିଥିବା ସମସ୍ତ ୱାର୍ଡ଼ ଗୁଡ଼ିକୁ ମଧ ଗୁରୁତ୍ୱ ପ୍ରଦାନ କରାଯାଉଥିବା ସେ ପ୍ରକାଶ କରିଥିଲେ ।
- ଦୁର୍ଗାପୂଜା ଉପଲକ୍ଷେ ଗ୍ରହଣ କରାଯାଇଥିବା ନିଷ୍ପତି ଗୁଡ଼ିକ ଯଥା ସମୟରେ କାର୍ଯ୍ୟକାରୀ ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ପ୍ରକାଶ କରି କମିଶନର ତଥା ବିଭାଗୀୟ ଯନ୍ତ୍ରୀ ମାନଙ୍କ ଦ୍ୱାରା ନିୟମିତ କାର୍ଯ୍ୟ ଗୁଡ଼ିକର ତଦାରକର ବ୍ୟବସ୍ଥା

କରାଯାଇଥିବାର ସେ ମଧ ସୂଚନା ଦେଇଥିଲେ । ବିଭିନ୍ନ ବିଭାଗ ଅଧିନରେ ରହିଥିବା ରାସ୍ତା ଗୁଡ଼ିକର ମରାମତି ତଥା ସମ୍ପୃକ୍ତ କର୍ପୋରେଟର ମାନଙ୍କ ଦ୍ୱାରା ପ୍ରସ୍ତାବିତ କାର୍ଯ୍ୟ ଗୁଡ଼ିକ ଅଗ୍ରାଧିକାର ଭିତିରେ ଆରମ୍ଭ କରାଯାଇଥିବା ସେ ମଧ ପ୍ରକାଶ କରିଥିଲେ । ଖାନନଗରରେ ଥିବା ବୈଦ୍ୟୁତିକ ଚୁଲାର ମରାମତି କାର୍ଯ୍ୟରେ କେତେକ କାରଣ ବଶତଃ ବିଳମ୍ବ ଘଟିଥିଲେ ମଧ, ପ୍ରାୟ ଏକ ମାସ ପୂର୍ବରୁ ଏହି କାର୍ଯ୍ୟ କରାଯାଇ, ବର୍ତମାନ ଏହି ଚୁଲା କାର୍ଯ୍ୟକ୍ଷମ ରହିଥିବା ସେ ମଧ ପ୍ରକାଶ କରିଥିଲେ ।

- ❖ ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ମଲାଚଣ୍ଡିଆ ଛକର ନିରୁପିତ ସ୍ଥାନରେ ଅଗ୍ରାଧିକାର ଭିତିରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କର ପ୍ରତିମୂର୍ତି ଯଥାଶିଘ୍ର ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ପୁନଃ ସ୍ଥାପନ କରାଯିବାକୁ, ସେ ମଧ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ❖ ନିଗମର ବିଭିନ୍ନ ଆର୍ଥିକ ସମସ୍ୟା ଦୃଷ୍ଟିରୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବିଳମ୍ବ ପରିଲକ୍ଷିତ ହୋଇଥିବା ପ୍ରକାଶ କରି, ଆଗାମୀ ଦଶହରା ଉପଲକ୍ଷେ ଜନ ସାଧାରଣ ମାନଙ୍କର ବିଭିନ୍ନ ମୌଳିକ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ସମସ୍ତ କର୍ପୋରେଟର ମାନଙ୍କର ସହଯୋଗ ମଧ କାମନା କରିଥିଲେ, ଏବଂ ଆଗାମୀ ଦିନରେ କଟକ ସହରର ସମୁହ ବିକାଶ ଦିଗରେ ଯତ୍ନବାନ ହେବାକୁ ନିବେଦନ ମଧ କରିଥିଲେ ।

**ଶ୍ରୀଯକ୍ତ ରଞ୍ଜନ କୁମାର ବିଶ୍ୱାଳ, ଅଧକ୍ଷ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି :**

- ❖ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରି, ଚଳିତ କାଉନସିଲର ଅଧିକାଂଶ ନୂତନ ଭାବେ ନିର୍ବାଚିତ କର୍ପୋରେଟର ମାନଙ୍କ ସାହାର୍ଯ୍ୟ ଓ ସହଯୋଗକୁ ଆଧାର କରାଯାଇ, କଟକ ସହରର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ନିଷ୍ପତି ଅନୁଯାୟୀ ଏବଂ ନିଗମର ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖାଯାଇ ବିକାଶର ଧାରା ଅବ୍ୟାହତ ରହିଥିବା ସେ ପ୍ରକାଶ କରିଥିଲେ ।
- ❖ ଦଶହରା ଉପଲକ୍ଷେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ, ବିଭିନ୍ନ ୱାର୍ଡ଼ ନିମନ୍ତେ ନୂତନ ବୈଦ୍ୟୁତିକ ଆଲୋକ ଏବଂ ଡ଼ଷ୍ଟବିନ ପ୍ରଦାନରେ ବିଳମ୍ବ ଘଟିଥିବା ପ୍ରକାଶ କରି, ଟେଣ୍ଡର ମାଧମରେ ଏ ଗୁଡ଼ିକର ସଂଗ୍ରହଣ ପକ୍ରିୟା କରାଯାଇଥିବାରୁ, ଯଥାଶିଘ୍ର ଏ ଗୁଡ଼ିକ ସମ୍ପୃକ୍ତ ୱାର୍ଡ଼ ମାନଙ୍କୁ ଯୋଗାଇଦେବାର ବ୍ୟବସ୍ଥା କରାଯାଉଥିବା ସେ ପ୍ରକାଶ କରିଥିଲେ ।
- ❖ ଦଶହରା ଉପଲକ୍ଷେ ବିଭିନ୍ନ ବୈଦ୍ୟୁତିକ Spare Parts ଗୁଡ଼ିକ ସଂଗ୍ରହଣ କରାଯାଇ, ପ୍ରାୟ ୪୯ଟି ୱାର୍ଡ଼ର ମରାମତି କାର୍ଯ୍ୟ ଯୁଦ୍ଧ କାଳୀନ ଭିତିରେ ସମ୍ପୂର୍ଣ୍ଣ କରାଯାଇଥିବା ସେ ମଧ ପ୍ରକାଶ କରିଥିଲେ ଏବଂ ଅବଶିଷ୍ଟ ୱାର୍ଡ଼ ମାନଙ୍କରେ ଯଥାଶିଘ୍ର ମରାମତି କାର୍ଯ୍ୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଥିବାର ସୂଚନା ଦେଇଥିଲେ ।
- ❖ ଦଶହରା ଉପଲକ୍ଷେ ବିଭିନ୍ନ ୱାର୍ଡ଼ରେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ପ୍ରସ୍ତାବ ଅନୁଯାୟୀ Pot Hole ତଥା ରାସ୍ତା ମରାମତି କାର୍ଯ୍ୟ କରାଯାଉଥିବା ସହ ବିଭିନ୍ନ ବିଭାଗ ଅଧିନରେ ରହିଥିବା ରାସ୍ତା ଗୁଡ଼ିକର ମରାମତି କାର୍ଯ୍ୟ ସମ୍ପୃକ୍ତ ବିଭାଗ ଦ୍ୱାରା ଅଗ୍ରାଧିକାର ଭିତିରେ କରାଯାଉଥିବା ସେ ମଧ ପ୍ରକାଶ କରିଥିଲେ ।
- ❖ ସେ ମଧ ଆଗାମୀ ଦିନରେ ନିଗମର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସହଯୋଗର ହାତ ବଢାଇବାକୁ ସମସ୍ତଙ୍କୁ ନିବେଦନ କରିଥିଲେ ।

**ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର, କର୍ପୋରେଟର, ୱାର୍ଡ଼ ନଂ-୩୭ :**

- ❖ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିବା ସହ, ୱାର୍ଡ଼ର ବିଭିନ୍ନ ଅଂଚଳର ବୈଦ୍ୟୁତିକ ଆଲୋକର ମରାମତି କାର୍ଯ୍ୟ ଯଥାଶିଘ୍ର ଦଶହରା ପୂର୍ବରୁ ସମ୍ପୂର୍ଣ୍ଣ କରାଯିବାକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ❖ କାଉନସିଲ ବୈଠକରେ ବିଭିନ୍ନ ସମୟରେ ବିଭିନ୍ନ ନିଷ୍ପତି ଗ୍ରହଣ କରାଯାଉଥିଲେ ମଧ, ଉକ୍ତ ନିଷ୍ପତି ଗୁଡ଼ିକ ଠିକ୍ ସମୟରେ କାର୍ଯ୍ୟକାରୀ ହୋଇପାରୁନଥିବାର ଅଭିଯୋଗ କରିଥିଲେ ।
- ❖ ଏକ ନିର୍ଦ୍ଧିଷ୍ଟ ୱାର୍ଡ଼ର Death Vacancy ଭତା, ଉକ୍ତ ୱାର୍ଡ଼ର ନୂତନ ହିତାଧିକାରୀଙ୍କ ନାମରେ ମଞ୍ଜୁର କରାଯିବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ଏବଂ ବର୍ତମାନ ସୁଦ୍ଧା ବିଭିନ୍ନ ଭତା ନିମନ୍ତେ ପ୍ରାୟ ୨୦୦୦ ଆବେଦନ ପତ୍ର ପ୍ରାପ୍ତ ହୋଇଥିବାରୁ, ଯଥାଶିଘ୍ର ଏ ଗୁଡ଼ିକର ମଞ୍ଜୁର କରାଯିବା ନିମନ୍ତେ, ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦୃଷ୍ଟି ଆକର୍ଷଣ କରିଥିଲେ।

- ଦଶହରା ପର୍ବ ଅବସରରେ ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ୨ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ମଧ୍ୟରେ, ପୋଟହୋଲ ତଥା ମରାମତି କାର୍ଯ୍ୟ ଗୁଡ଼ିକ ସଫଳ ଭାବେ କାର୍ଯ୍ୟକାରୀ କରାଯାଇପାରିଥିବାରୁ, ସେଥିପାଇଁ କମିଶନର, ବିଭାଗୀୟ ଯନ୍ତ୍ରୀ ତଥା ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।
- କୁକୁର ବନ୍ଧ୍ୟାକରଣ ଯୋଜନା ସଠିକ୍ ଭାବେ କାର୍ଯ୍ୟକାରୀ କରାଯିବାକୁ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- କଟକ ସହରକୁ Smart City କରାଯିବା ନିମନ୍ତେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯାଇ, ଯଥାଶିଘ୍ର ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯିବାକୁ ମଧ ସେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ନିଗମ ନିମନ୍ତେ ଅତିରିକ୍ତ ଦୁଇଟି ସ୍ଲଜ ପମ୍ପ ଗାଡ଼ି ଯଥାଶିଘ୍ର ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ ଏକ ନିର୍ଦ୍ଧିଷ୍ଟ ସ୍ଥାନ ଚିହ୍ନଟ କରାଯାଇ, Utility House ନିର୍ମାଣ କରାଯିବାକୁ ପ୍ରସ୍ତାବ ଆଗତ କରି, ସମ୍ପୃକ୍ତ କର୍ପୋରେଟର ମାନଙ୍କ ଜରୀଆରେ ଉକ୍ତ ୱାର୍ଡ଼ର ଜନସାଧାରଣ ମାନଙ୍କର ଅଭିଯୋଗ ତଥା ଆବେଦନ ପତ୍ର ଗୁଡ଼ିକ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯୁକ୍ତ ହୃଷିକେଶ ପ୍ରଧାନ, କର୍ପୋରେଟର, ୱାର୍ଡ଼ ନଂ-୫୭ :**

- ବିଭିନ୍ନ ୱାର୍ଡ଼ର ସମସ୍ୟା ଗୁଡ଼ିକ ସମ୍ପର୍କରେ ଅବଗତ ହୋଇ ଏ ଗୁଡ଼ିକର ସମାଧାନ ଦିଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ନିମନ୍ତେ, ବ୍ୟକ୍ତିଗତ ଭାବେ କେବଳ ମେୟର, ଡ଼େପୁଟି ମେୟର, କମିଶନର ଏବଂ ସମ୍ପୃକ୍ତ କର୍ପୋରେଟରଙ୍କ ଉପସ୍ଥିତିରେ ଆଲୋଚନା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବୈଠକ ବିବରଣୀ ମଧ୍ୟରେ କର୍ପୋରେଟର ମାନଙ୍କ ଦ୍ୱାରା ଆଗତ ସମସ୍ତ ପ୍ରସ୍ତାବ ଗୁଡ଼ିକ ସ୍ଥାନ ପାଉଥିଲେ ମଧ, ଯେଉଁ ପ୍ରସ୍ତାବ ଗୁଡ଼ିକ ପାରିତ କରାଯାଇ ନିଷ୍ପତି ଗ୍ରହଣ କରାଯାଇଛି, ସେ ଗୁଡ଼ିକ ବୈଠକ ବିବରଣୀ ମଧ୍ୟରେ ସ୍ଥାନ ପାଇଥିବାରୁ, ଏଥିପାଇଁ ଧନ୍ୟବାଦ ମଧ ଜ୍ଞାପନ କରିଥିଲେ ।
- ବିଭିନ୍ନ ୱାର୍ଡ଼କୁ ବୈଦ୍ୟୁତିକ ଆଲୋକର ମରାମତି କାର୍ଯ୍ୟ ନିମନ୍ତେ ଅତ୍ୟନ୍ତ ପକ୍ଷେ ସପ୍ତାହକୁ ଦୁଇଦିନ ସମ୍ପୃକ୍ତ ଟିମକୁ ପଠାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଦୁର୍ଗାପୂଜା ଉପଲକ୍ଷେ ଆୟୋଜିତ ପ୍ରସ୍ତୁତି ବୈଠକରେ ତୃଣମୂଳ ସ୍ତରର ନିର୍ବାଚିତ ଲୋକ ପ୍ରତିନିଧି ମାନଙ୍କୁ ଉପଯୁକ୍ତ ସମ୍ମାନ ପଦର୍ଶନ କରାଯାଇନଥିବାର ଅଭିଯୋଗ କରି, ଆଗାମୀ ଦିନରେ ଏ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।
- କାଉନସିଲ ବୈଠକ ଗୁଡ଼ିକ ଅତ୍ୟନ୍ତ ପକ୍ଷେ ମାସକୁ ଦୁଇଥର ଡ଼କାଯାଇ, ପ୍ରଥମ ବୈଠକରେ କର୍ପୋରେଟର ମାନଙ୍କ ସମସ୍ୟା ଗୁଡ଼ିକ ସମ୍ପର୍କରେ ଅବଗତ ହୋଇ, ପରବର୍ତି ବୈଠକରେ ଆଲୋଚନା ମାଧମରେ ଏହାର ସମାଧାନର ପନ୍ଥା ନିର୍ଦ୍ଧାରଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- କାର୍ଯ୍ୟ କ୍ଷେତ୍ରରେ ନିଗମର ସ୍ୱାସ୍ଥ୍ୟ ବିଭାଗର ନିୟୋଜିତ ସମସ୍ତ କର୍ମଚାରୀ ମାନଙ୍କର ଉପସ୍ଥାନକୁ ନିୟମିତ ଯାଂଚ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର ବିଭିନ୍ନ ସ୍ଥାନରେ ଡ଼େଙ୍ଗୁ ରୋଗ ଚିହ୍ନଟ ହୋଇଥିବାରୁ, ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଯଥାଶିଘ୍ର ମଶାତେଲ ଏବଂ ବ୍ରୁଶ କଟର ପଠାଯାଇ, ୱାର୍ଡ଼ର ବିଭିନ୍ନ ସ୍ଥାନର ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ ସମସ୍ତ ୱାର୍ଡ଼ର ନାଳ ନର୍ଦ୍ଦମା ଗୁଡ଼ିକର ନିୟମିତ ସଫାଇ ବ୍ୟବସ୍ଥା ଦିଗରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବାକୁ ମତ ଦେଇଥିଲେ ।
- ପୂର୍ବରୁ କର୍ପୋରେଟର ମାନଙ୍କର Sitting Allowance ସମ୍ପର୍କରେ ଆଲୋଚନା କରାଯାଇଥିବା ଦୃଷ୍ଟିରୁ ଏବଂ ଏହି Sitting Allowance ନିର୍ଦ୍ଧାରଣ ନିମନ୍ତେ କାଉନସିଲର କ୍ଷମତା ରହିଥିବାରୁ, ଏ ଦିଗରେ ବିଧିବଦ୍ଧ ପ୍ରସ୍ତାବ ଗ୍ରହଣ କରାଯାଇ, ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ପ୍ରସ୍ତାବକୁ ପଠାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

- ❖ କର୍ପୋରେଟର ମାନଙ୍କ ନିମନ୍ତେ ବିଭିନ୍ନ Health Insurance Scheme ମାଧମରେ ଅତ୍ୟନ୍ତ ପକ୍ଷେ ୫ଲକ୍ଷ ଟଙ୍କାର Insurance ର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇ, ସ୍ଥଳ ବିଶେଷରେ ନିଗମର ସମସ୍ତ କ୍ଷେତ୍ର କର୍ମଚାରୀ ମାନଙ୍କ ନିମନ୍ତେ ଏହି ବ୍ୟବସ୍ଥାକୁ ଲାଗୁ କରାଯିବାକୁ ପ୍ରସ୍ତାବ ଆଗତ କରିଥିଲେ ।
- ❖ ଭୁବନେଶ୍ୱର ମହାନଗର ନିଗମ ପରି କଟକ ମହାନଗର ନିଗମ ଅଂଚଳରେ ଗୃହ ଟିକସ ଆଦାୟ କରାଯିବାର ସମାନ ପଦ୍ଧତି ଅବଲମ୍ବନ କରାଯିବାକୁ ମଧ ପ୍ରସ୍ତାବ ଦେଇଥିଲେ ।
- ❖ ବିଭିନ୍ନ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ / ଅଧକ୍ଷା ମାନଙ୍କ ଦ୍ୱାରା କାର୍ଯ୍ୟକ୍ଷେତ୍ର ଅନୁଧାନ ନିମନ୍ତେ ଅତ୍ୟନ୍ତ ପକ୍ଷେ ସପ୍ତାହକୁ ଏକ ଦିନ ନିମନ୍ତେ ନିଗମ ପକ୍ଷରୁ ଗାଡ଼ିର ବ୍ୟବସ୍ଥା ସହ, ନିଗମର ପ୍ରକଳ୍ପ ବିଭାଗକୁ ସ୍ୱତନ୍ତ୍ର ଭାବେ ଏକ ଗାଡ଼ି ଯୋଗାଇ ଦେବା ନିମନ୍ତେ ପ୍ରସ୍ତାବ ଦେଇଥିଲେ ।
- ❖ ସହିଦ ଭବନର ଉପର ମହଲାରେ Renovation କରାଯାଇ, ସେଠାରେ ଏକ Mini Conference Hall ର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ❖ ବିଭିନ୍ନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ରାସ୍ତା ଗୁଡ଼ିକ ସହିତ ସମ୍ପୃକ୍ତ ଡ୍ରେନ ଗୁଡ଼ିକର ଆବ୍ୟାକୀୟ ମରାମତି ତଥା ରକ୍ଷଣାବେକ୍ଷଣ ନିମନ୍ତେ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯିବାକୁ ପ୍ରସ୍ତାବ ମଧ ଆଗତ କରିଥିଲେ ।

### ଶ୍ରୀଯୁକ୍ତ ମନୋଜ କୁମାର ସେଠୀ, ଅଧକ୍ଷ, ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି :

- ❖ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ଏକ ଗୁରୁତ୍ୱପୂର୍ଣ୍ଣ କମିଟି ହୋଇଥିଲେ ମଧ, ବିଭିନ୍ନ ସମୟରେ ଏହି କମିଟିକୁ ଅଣଦେଖା କରାଯାଉଥିବାର ଅଭିଯୋଗ କରିଥିଲେ । ନିୟମିତ ଭାବେ ଏହି କମିଟିର ବୈଠକରେ ଅଧିକାରୀମାନେ ଅନୁପସ୍ଥିତ ରହୁଥିବାରୁ, ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବା ସମ୍ଭବପର ହୋଇପାରୁନଥିବା ସେ ମଧ ପ୍ରକାଶ କରିଥିଲେ ।
- ❖ ନିଗମର ବିଭିନ୍ନ ବିଭାଗର ବାଇ-ଲ ଗୁଡ଼ିକ ସମ୍ପର୍କରେ ବାରମ୍ବାର ଆଲୋଚନା କରାଯାଉଥିଲେ ମଧ, ଏ ଗୁଡ଼ିକ ଚୁଡ଼ାନ୍ତ କରାଯିବା ନିମନ୍ତେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ, ନିର୍ଦ୍ଦିଷ୍ଟ ଭାବେ ଏ ଗୁଡ଼ିକର କାର୍ଯ୍ୟକାରୀ ନିମନ୍ତେ ସମୟସୀମା ଧାର୍ଯ୍ୟ କରାଯିବାକୁ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ❖ ୱାର୍ଡ଼ର ବିଭିନ୍ନ ସ୍ଥାନରେ ଆବଶ୍ୟକ ଥିବା ବୈଦ୍ୟୁତିକ ଆଲୋକ ଗୁଡ଼ିକର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାରୁ ଏବଂ ଦୁର୍ଗାପୂଜା ଉପଲକ୍ଷେ ବ୍ଲିଚିଙ୍ଗ ପାଉଡ଼ର ଯୋଗାଇ ଦିଆଯାଇଥିବାରୁ ଧନ୍ୟବାଦ ଜ୍ଞାପନ କରି, ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଯଥାଶିଘ୍ର ନୂତନ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ❖ ନିଗମର ବିଭିନ୍ନ ଅଂଚଳରେ ଭେଣ୍ଡିଙ୍ଗ ଯୋନ ସ୍ଥାପନ ନିମନ୍ତେ ଏକ କମିଟି ଗଠନ କରାଯାଇଥିବାର ସୂଚନା ପ୍ରଦାନ କରି, ଯଥାଶିଘ୍ର ଏହି କମିଟି ଦ୍ୱାରା ନିଗମର ବିଭିନ୍ନ ଅଂଚଳ ଗୁଡ଼ିକ ଅନୁଧାନ କରାଯାଇ, ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସୁପାରିଶ କରାଯାଉଥିବା ସେ ମଧ ପ୍ରକାଶ କରିଥିଲେ ।
- ❖ କର୍ପୋରେଟର ତଥା କର୍ମଚାରୀ ମାନଙ୍କ ନିମନ୍ତେ Health Insurance Scheme ପବର୍ତନ ନିମନ୍ତେ ଆଗତ ପ୍ରସ୍ତାବକୁ ସ୍ୱାଗତ କରି, ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

### ଶ୍ରୀଯୁକ୍ତ ଜୟଦେବ ଜେନା , କର୍ପୋରେଟର, ୱାର୍ଡ଼ ନଂ-୪୦ :

- ❖ ପୂର୍ବରୁ କାଉନସିଲ ବୈଠକର ୧୫ ଦିନ ମଧରେ ବିବରଣୀ ଗୁଡ଼ିକ ପ୍ରଦାନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲେ ମଧ ବୈଠକର ଅବ୍ୟବହିତ ପୂର୍ବରୁ ବିଭିନ୍ନ ବୈଠକର ବିବରଣୀ ଗୁଡ଼ିକ ପ୍ରଦାନ କରାଯାଉଥିବାରୁ, କର୍ପୋରେଟର ମାନେ ସେ ଗୁଡ଼ିକ ଅନୁଧାନ କରି ସେମାନଙ୍କର ମତାମତ ପ୍ରଦାନ କରିବା ସମ୍ଭବପର ହେଉନଥିବା ସେ ପ୍ରକାଶ କରିଥିଲେ ।
- ❖ ବୈଠକରେ ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ନିଷ୍ପତି ଗୁଡ଼ିକ ଠିକ୍ ସମୟରେ କାର୍ଯ୍ୟକାରୀ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ ।

❖ ବିଭିନ୍ନ ବୈଠକର ବିବରଣୀ ଗୁଡ଼ିକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଦାନ ନିମନ୍ତେ ଜଣେ ଦକ୍ଷ ଡ଼ି.ଟି.ପି. ଅପରେଟରଙ୍କ ନିଯୁକ୍ତି ନିମନ୍ତେ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ ।

❖ ଗତ ତା ୩୧.୦୭.୨୦୧୪ରିଖ କାଉନସିଲ ବୈଠକ ବିବରଣୀର ପୃଷ୍ଠା ୧୭ରେ କେତେକ ମୁଦ୍ରଣ ଜନିତ ତ୍ରୁଟୀ ପରିଲକ୍ଷିତ ହୋଇଥିବାରୁ, ଏହାର ସଂଶୋଧନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ଗତ ତା ୧୮.୦୮.୨୦୧୪ରିଖ ଗ୍ରୀଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବିବରଣୀ ମାଧ୍ୟମରେ ପ୍ରଦାନ କରାଯାଇଥିବା Status Report ମଧ୍ୟରେ ମଧୁବାବୁ ପେନସନ ଯୋଜନା ସମ୍ପର୍କରେ ୱାର୍ଡ଼ ୱାରୀ ତଥ୍ୟ ପ୍ରଦାନ କରାଯିବାକୁ ଅନୁରୋଧ କରିଥିଲେ ।

❖ ଗତ ତା ୧୯.୦୮.୨୦୧୪ରିଖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବିବରଣୀର କ୍ରମିକ ନଂ-୬ ମାଧ୍ୟମରେ ନିୟୋଜିତ କ୍ଷେତ୍ର କର୍ମଚାରୀ ମାନଙ୍କ ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ଠାରୁ ମାସିକ ରିପୋର୍ଟ ପ୍ରଦାନ ପରେ, ସମ୍ପୃକ୍ତ କର୍ମଚାରୀଙ୍କ ମାସିକ ବେତନ ପ୍ରଦାନ ପ୍ରସଙ୍ଗରେ ଆଗତ ପ୍ରସ୍ତାବକୁ ପୁର୍ନ ବିଚାର କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସେ କହିଥିଲେ ୱାର୍ଡ଼ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ନିୟୋଜିତ କେତେକ କର୍ମଚାରୀ ମାନଙ୍କ କାର୍ଯ୍ୟ ସମ୍ପର୍କରେ ସମସ୍ତ କର୍ପୋରେଟର ମାନଙ୍କୁ ଅବଗତ କରାଯାଇନାହିଁ ଏବଂ ସେମାନେ ମଧ୍ୟ ପ୍ରତ୍ୟେକ ଦିନ ସମ୍ପୃକ୍ତ କର୍ପୋରେଟର ମାନଙ୍କୁ ସ୍ଥଳ ବିଶେଷରେ ସାକ୍ଷାତ କରୁନାହାଁନ୍ତି । ତେଣୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଗଲେ ବହୁ ବାଧା ବିଘ୍ନ ସୃଷ୍ଟି ହେବାର ଆଶଙ୍କା ରହିଥିବା ସେ ପ୍ରକାଶ କରିଥିଲେ ।

❖ ନିଗମର ପ୍ରତ୍ୟେକ ୱାର୍ଡ଼ର ସଫେଇ କାର୍ଯ୍ୟର ସଠିକ ପରିଚାଳନା ନିମନ୍ତେ ନିଗମ ଅଧିନରେ ସଫେଇ କାର୍ଯ୍ୟ ନିମନ୍ତେ ନିୟୋଜିତ କର୍ମଚାରୀ ମାନଙ୍କ ତୁଳନାରେ ରାମକୀ ସଂସ୍ଥାଙ୍କ ଦ୍ୱାରା ନିୟୋଜିତ କର୍ମଚାରୀ ମାନଙ୍କ ସଂଖ୍ୟାରେ ବହୁ ପାର୍ଥକ୍ୟ ପରିଲକ୍ଷିତ ହେଉଥିବାରୁ ରାମକୀ ଦ୍ୱାରା ୱାର୍ଡ଼ ମାନଙ୍କରେ ନିୟୋଜିତ ସଫାଇ କର୍ମଚାରୀଙ୍କ ସଂଖ୍ୟ ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ । ଚୁକ୍ତିନାମା ଅନୁଯାୟୀ ଉକ୍ତ ସଂସ୍ଥାଙ୍କ ଦ୍ୱାରା କୌଣସି Mechanical Sweeping କରାଯାଉନଥିବାର ଅଭିଯୋଗ ମଧ୍ୟ କରିଥିଲେ ।

❖ ସେ ମଧ୍ୟ ବିଭିନ୍ନ ବୈଠକ ବିବରଣୀ ମାଧ୍ୟମରେ ଆଗତ ସମସ୍ତ ପ୍ରସ୍ତାବ ଗୁଡ଼ିକ ଦୃଢୀକରଣ କରାଯିବାକୁ ଅନୁରୋଧ କରିଥିଲେ ।

**ଶ୍ରୀଯୁକ୍ତା ପ୍ରଳୟା ବେହେରା, କର୍ପୋରେଟର, ୱାର୍ଡ଼ ନଂ-୪୬ :**

❖ କର୍ପୋରେଟରମାନେ ସେମାନଙ୍କ ବିଭିନ୍ନ ସମସ୍ୟା ତଥା ଅଭିଯୋଗ ଉପସ୍ଥାପନା କରିବା ନିମନ୍ତେ , ନିର୍ଦ୍ଧିଷ୍ଟ ଭାବେ କମିଶନରଙ୍କ ଦ୍ୱାରା ସମୟ ଧାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ ।

❖ ୱାର୍ଡ଼ର ବିଭିନ୍ନ ସ୍ଥାନରେ ବୈଦ୍ୟୁତିକ ଆଲୋକର ମରାମତି କାର୍ଯ୍ୟ କରାଯାଇଥିବାରୁ, ଧନ୍ୟବାଦ ଜ୍ଞାପନ କରି ଯଥାଶିଘ୍ର ପୂର୍ବ ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ୱାର୍ଡ଼କୁ ନୂତନ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବାକୁ ଅନୁରୋଧ କରିଥିଲେ ।

❖ କାଳିଆବୋଦା ଶ୍ମସାନରେ ୪ଟି ୱାର୍ଡ଼ର ଶବଦାହ କରାଯାଉଥିବା ଦୃଷ୍ଟିରୁ, ଯଥାଶିଘ୍ର ଏହି ଶ୍ମସାନର ଆବଶ୍ୟକୀୟ ପୁର୍ନରୁଦ୍ଧାର କାର୍ଯ୍ୟ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ଆସନ୍ତା ଦଶହରା ପୂର୍ବରୁ ଯଥାଶିଘ୍ର ସମସ୍ତ ୱାର୍ଡ଼ ମାନଙ୍କୁ ନୂତନ ଡ଼ଷ୍ଟବିନ ଯୋଗାଇ ଦେବାକୁ ସେ ମଧ୍ୟ ଅନୁରୋଧ କରିଥିଲେ ।

❖ କୁକୁର ବନ୍ଧ୍ୟାକରଣ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସେ ମଧ୍ୟ ସ୍ପଷ୍ଟିକରଣ ପ୍ରଦାନ ନିମନ୍ତେ ଅନୁରୋଧ କରିଥିଲେ ।

❖ ଦୁର୍ଗାପୂଜା ଅବସରରେ ବିଭିନ୍ନ ୱାର୍ଡ଼କୁ ମଶାତେଲ ତଥା ଡ଼େଙ୍ଗୁ ରୋଗର ନିରାକରଣ ନିମନ୍ତେ Fogging Operation ଯଥାଶିଘ୍ର ଆରମ୍ଭ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ଶ୍ରୀଯକ୍ତା ନମିତା ମଞ୍ଜରୀ ସାହୁ, କର୍ପୋରେଟର, ୱାର୍ଡ଼ ନଂ-୩୪ :**

❖ ଗତ ତା ୨୨.୦୯.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ନିଗମର ବିଭିନ୍ନ ଅଂଚଳରେ ରହିଥିବା ଶୌଚାଳୟର ପୁର୍ନରୁଦ୍ଧାର ତଥା ନୂତନ ଶୌଚାଳୟ ନିର୍ମାଣ ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ୍ୟ, ୱାର୍ଡ଼ ନଂ-୩୪

ମଧ୍ୟରେ ଦୀର୍ଘ ଦିନରୁ ଅତ୍ୟନ୍ତ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଶୌଚାଳୟର ପୁର୍ନରୁଦ୍ଧାର କାର୍ଯ୍ୟକୁ, ଏହି ଯୋଜନା ମଧ୍ୟରେ ଅର୍ନ୍ତଭୁକ୍ତ କରାଯାଇନଥିବାରୁ, ଏ ଦିଗରେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

❖ ନିଗମର ୫୯ଟି ୱାର୍ଡ଼ ନିମନ୍ତେ ଗୋଟିଏ ଶବଦାହ ଗାଡ଼ି "ସ୍ୱର୍ଗରଥ" ପ୍ରର୍ଯ୍ୟାପ୍ତ ହେଉନଥିବାରୁ, ଏହି କାର୍ଯ୍ୟ ନିମନ୍ତେ କେତେକ ଅତିରିକ୍ତ ଗାଡ଼ିର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

❖ ସେହିପରି ନିଗମର ସମସ୍ତ ଅଂଚଳ ନିମନ୍ତେ କେତେକ ଅତିରିକ୍ତ ସ୍ଲଜ ପମ୍ପ ସଂଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସ୍ଲଜ ପମ୍ପର ଆବଶ୍ୟକତା ଜନ ସାଧାରଣ ମାନଙ୍କର ଏକ ମୌଳିକ ସମସ୍ୟା ହୋଇଥିବାରୁ, ଏ ଦିଗରେ ଅଗ୍ରାଧିକାର ଭିତିରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

❖ ୱାର୍ଡ଼ ମଧ୍ୟରେ ଅସୁରକ୍ଷିତ ଅବସ୍ଥାରେ ରହିଥିବା ଶୌଚାଳୟର ଆବଶ୍ୟକୀୟ ମରାମତି କାର୍ଯ୍ୟ ନିମନ୍ତେ, ଦୀର୍ଘ ଦିନରୁ ଦାବି କରାଯାଇଥିବାରୁ, ଏ ଦିଗରେ ଅଗ୍ରାଧିକାର ଭିତିରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ନିଗମର ବିଭିନ୍ନ ଅଂଚଳରେ ପ୍ରୋଜେକ୍ଟ ସମ୍ମାନ ଯୋଜନା ଏବଂ ଜାଇକା ପ୍ରକଳ୍ପ କାର୍ଯ୍ୟ ମଧ୍ୟରେ କେତେକ ନୂତନ ଶୌଚାଳୟ ନିର୍ମାଣ ନିମନ୍ତେ ପ୍ରସ୍ତାବ ରଖାଯାଇଥିବା ଦୃଷ୍ଟିରୁ, ରାଜ୍ୟ ସରକାରଙ୍କୁ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରସ୍ତାବ ପଠାଯିବାର ଆବଶ୍ୟକତା ନଥିବା, ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ ସ୍ୱଷ୍ଟିକରଣ ପ୍ରଦାନ କରିଥିଲେ । ୩୪ ନମ୍ବର ୱାର୍ଡ଼ର ମାଛୁଆ ବଜାରରେ ରହିଥିବା ଶୌଚାଳୟର ପୁର୍ନରୁଦ୍ଧାର କାର୍ଯ୍ୟ, ପ୍ରୋଜେକ୍ଟ ସମ୍ମାନ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇଥିବା ସେ ମଧ୍ୟ ପ୍ରକାଶ କରିଥିଲେ ।

ନିଗମର ବିଭିନ୍ନ ଅଂଚଳରେ ରହିଥିବା ଶୌଚାଳୟ ଗୁଡ଼ିକର ଟାଙ୍କି ସଫା କରାଯିବା ନିମନ୍ତେ, ନିଗମ ପକ୍ଷରୁ ଅଗ୍ରାଧିକାର ଭିତିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା ପ୍ରସ୍ତାବ ଦେଇଥିଲେ ।

❖ ୱାର୍ଡ଼ର ବିଭିନ୍ନ ଅଂଚଳରେ ଦଶହରା ଉପଲକ୍ଷେ ବୈଦ୍ୟୁତିକ ଆଲୋକ ମରାମତି କାର୍ଯ୍ୟ ଚାଲୁରହିଥିବାରୁ, ସେଥିପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ଏବଂ ପୂର୍ବ ନିର୍ଦ୍ଧାରଣ ଅନୁଯାୟୀ ଯଥାଶିଘ୍ର ନୂତନ ବୈଦ୍ୟୁତିକ ଆଲୋକର ବ୍ୟବସ୍ଥା ପ୍ରତ୍ୟେକ ୱାର୍ଡ଼ ନିମନ୍ତେ କରାଯିବାକୁ ଅନୁରୋଧ କରିଥିଲେ ।

❖ ୱାର୍ଡ଼ ମଧ୍ୟରେ ରହିଥିବା ସହିଦ ପାର୍କର ଆବଶ୍ୟକୀୟ କାର୍ଯ୍ୟ ଗୁଡ଼ିକ ଯଥାଶିଘ୍ର ସମ୍ପୂର୍ଣ୍ଣ କରାଯାଇ, ଜନସାଧାରଣ ମାନଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ ।

❖ ୱାର୍ଡ଼ର ବିଭିନ୍ନ ଅଂଚଳରେ ବୁଲାକୁକୁର ନିମନ୍ତେ ସମସ୍ୟା ସମସ୍ୟା ସୃଷ୍ଟି ହେଉଥିବାରୁ କୁକୁର ବନ୍ଧ୍ୟାକରଣ ଯୋଜନାରେ ଯଥାଶିଘ୍ର ଏହି ଅଂଚଳକୁ ସାମିଲ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

**ସୁଶ୍ରୀ ପ୍ରମିଳା ମହାନ୍ତି, କର୍ପୋରେଟର, ୱାର୍ଡ଼ ନଂ-୪୩ :**

❖ ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ପ୍ରତ୍ୟେକ ୱାର୍ଡ଼କୁ ୫ ଜଣ ଲେଖାଏଁ କୁଲୀ ଓ ୨ ଜଣ ଲେଖାଏଁ ବ୍ରୁଶ କଟର, ବର୍ତମାନ ସୁଦ୍ଧା ୱାର୍ଡ଼କୁ ପଠାଯାଇନଥିବାରୁ, ଦଶହରା ଉତ୍ସବ ପରେ ଯଥାଶିଘ୍ର ସେମାନଙ୍କୁ ୱାର୍ଡ଼ର ବିଭିନ୍ନ ସ୍ଥାନର କାର୍ଯ୍ୟ ନିମନ୍ତେ ପଠାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ୱାର୍ଡ଼ର ବିଭିନ୍ନ ସ୍ଥାନରେ MSWC-I ର Retaining Wall ଭାଙ୍ଗି ଯାଇଥିବାରୁ ଏବଂ ବହୁଦିନ ପୂର୍ବରୁ ଲିଖିତ ଆକାରରେ ଏହାର ମରାମତି ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଥିବା ଦୃଷ୍ଟିରୁ, ଯଥାଶିଘ୍ର ଏହି କାର୍ଯ୍ୟକୁ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

❖ ପୂର୍ବରୁ ୱାର୍ଡ଼ର ଏକ ବୈଦ୍ୟୁତିକ କାର୍ଯ୍ୟ ନିମନ୍ତେ ଟେଣ୍ଡର କରାଯାଇ, ବର୍ତମାନ ସୁଦ୍ଧା ସମ୍ପୃକ୍ତ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନଥିବାରୁ, ଯଥାଶିଘ୍ର ଏହାକୁ ଅନୁଧାନ କରାଯାଇ, କାର୍ଯ୍ୟାଦେଶ ପ୍ରଦାନ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

❖ ବିଭିନ୍ନ ୱାର୍ଡ଼ରେ ମଶା ମାନଙ୍କର ପାର୍ଦୁଭାବ ବୃଦ୍ଧି ପାଇଥିବାରୁ, ଆବଶ୍ୟକ ପରିମାଣର ମଶାତେଲ ଏବଂ Fogging Operation ପ୍ରତ୍ୟେକ ୱାର୍ଡ଼ ମଧ୍ୟରେ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

## ଶ୍ରୀଯୁକ୍ତା ମମତା ବେହେରା , କର୍ପୋରେଟର, ୱାର୍ଡ଼ ନଂ-୫୧ :

- ଦୁର୍ଗାପୂଜା ଉପଲକ୍ଷେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରି, ୱାର୍ଡ଼ର ବିଭିନ୍ନ ସ୍ଥାନରେ ବୈଦ୍ୟୁତିକ ମରାମତି କାର୍ଯ୍ୟ ବହୁ ବିଳମ୍ବରେ ଆରମ୍ଭ କରାଯାଇଥିବା ପ୍ରକାଶ କରିଥିଲେ । ସେ ମଧ୍ୟ ସାର୍ତୋଳ ଠାରୁ ଖପୁରିଆ ଛକ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧକାର ମଧ୍ୟରେ ରହିଥିବାରୁ, ଯଥାଶିଘ୍ର ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧ୍ୟାନ କରାଯାଇ, ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ମଶା ବଂଶ ବୃଦ୍ଧିର ନିରାକରଣ ନିମନ୍ତେ ଯଥାଶିଘ୍ର ବ୍ରୁଶ କଟର ଏବଂ ମଶା ତେଲ ପକାଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ଦୁର୍ଗାପୂଜା ଅବସରରେ ୱାର୍ଡ଼ର ବିଭିନ୍ନ ସ୍ଥାନରେ ବ୍ଲିଚିଙ୍ଗ ପାଉଡ଼ର ପକାଯିବା ନିମନ୍ତେ ମଧ୍ୟ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ ପରିଦର୍ଶନ ସମୟରେ ୱାର୍ଡ଼ ମଧ୍ୟରେ ଏକ କମ୍ୟୁନିଟି ଟଏଲେଟ ନିର୍ମାଣ କରାଯିବାକୁ ପ୍ରସ୍ତାବ ଆଗତ କରାଯାଇଥିବା ଦୃଷ୍ଟିରୁ ଯଥାଶିଘ୍ର ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ, ଏହାର ନିର୍ମାଣ କାର୍ଯ୍ୟ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ୱାର୍ଡ଼ର ବିଭିନ୍ନ ସ୍ଥାନରେ ୬ ଗୋଟି ମେଢ଼ ପରିକ୍ରମା କରାଯିବାକୁ ଥିବା ରାସ୍ତା ଗୁଡ଼ିକ ଯଥାଶିଘ୍ର ଜାଇକା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଶ୍ୟକୀୟ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାକୁ ପ୍ରସ୍ତାବ ମଧ୍ୟ ଦେଇଥିଲେ ।

## ଶ୍ରୀମତୀ ବୈଶାଳୀ ବେହେରା, କର୍ପୋରେଟର, ୱାର୍ଡ଼ ନଂ-୨୮ :

- ୱାର୍ଡ଼ର ଏକ ଦୁସ୍ଥ ଗରିବ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ତୁରନ୍ତ ସହାୟତା ପ୍ରଦାନ କରାଯାଇଥିବାରୁ, କମିଶନରଙ୍କୁ ଏଥିପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ ।
- ଭଗତପୁର ଠାକୁରଘର ନିକଟରେ PHD ଦ୍ୱାରା ସ୍ଥାପନ କରାଯାଇଥିବା ନଳକୂପଟି ଅଚଳ ହୋଇ ପଡ଼ିଥିବାରୁ ଏବଂ ଏହାର ମରାମତି କାର୍ଯ୍ୟ ନିମନ୍ତେ PHD କର୍ତ୍ତୃପକ୍ଷ ସହଯୋଗ ପ୍ରଦାନ କରୁନଥିବାରୁ, ଏ ଦିଗରେ ଯଥାଶିଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ଶ୍ରୀଯୁକ୍ତ ରମଜାନ ଖାନ , କର୍ପୋରେଟର, ୱାର୍ଡ଼ ନଂ-୧୬ :

- କେନ୍ଦ୍ର ସରକାରଙ୍କ ଯୋଜନାରେ କଟକ ସହରକୁ Smart City ଭାବେ ଅର୍ନ୍ତଭୁକ୍ତ କରାଯିବାକୁ, ଆଗତ ପ୍ରସ୍ତାବକୁ ସମର୍ଥନ କରି, ଯଥାଶିଘ୍ର ରାଜ୍ୟ ନଗର ଉନ୍ନୟନ ବିଭାଗକୁ ଏ ଦିଗରେ ଉପଯୁକ୍ତ ପ୍ରସ୍ତାବ ପଠାଯିବା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ୍ୟ କାଉନସିଲ ବୈଠକରେ ଏହି ପ୍ରସ୍ତାବକୁ ସର୍ବ ସମ୍ମତି କ୍ରମେ ପାରିତ କରାଯିବାକୁ ଅନୁରୋଧ କରିଥିଲେ ।
- ଗୋରା କବରର ଆଭ୍ୟନ୍ତରିଣ ଅଂଚଳକୁ ବ୍ରୁଶ କଟର ମାନଙ୍କ ସାହାର୍ଯ୍ୟରେ ସଫା କରାଯିବା ଏବଂ Deer Park ଅଂଚଳରେ ଠୁଳ କରାଯାଇଥିବା ଆବର୍ଜନାକୁ ଯଥାଶିଘ୍ର ଉଠାଯିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ପ୍ରତ୍ୟେକ ସମୟରେ ଏହି ୱାର୍ଡ଼ର ଆବର୍ଜନା ପରିବହନ କାର୍ଯ୍ୟକୁ ଅଗ୍ରାଧିକାର ପ୍ରଦାନ କରାଯିବାକୁ ଅନୁରୋଧ କରିଥିଲେ ।
- ଦଶହରା ଉପଲକ୍ଷେ ୱାର୍ଡ଼ର ବିଭିନ୍ନ ସ୍ଥାନରେ ଡ଼ଷ୍ଟବିନ ସ୍ଥାପନ ସହ, ଯଥାଶିଘ୍ର ନୂତନ ବୈଦୁ୍ୟତିକ ଆଲୋକର ବ୍ୟବସ୍ଥା କରାଯିବାକୁ ସେ ମଧ୍ୟ ପ୍ରସ୍ତାବ ଦେଇଥିଲେ ।
- ୱାର୍ଡ଼ର ପଂଚମୁଖି ହନୁମାନ ଛକ, ବାଉରୀସାହି ଠାରୁ ବିଜୁ ପଟ୍ଟନାୟକ ଛକ ପର୍ଯ୍ୟନ୍ତ ଯାଇଥିବା ଡ୍ରେନ, ଜାଇକା ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ବହୁବାର ଭାଙ୍ଗିଯାଇ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବାର, ଏବଂ ହରୀଣ ପାର୍କ ଠାରୁ ମାଛ ମାର୍କେଟ ବିଜୁ ପଟ୍ଟନାୟକ ଛକ ଡ୍ରେନ ମଧ୍ୟ ଭାଙ୍ଗିଯାଇଥିବାରୁ ଅଗ୍ରାଧିକାର ଭିତିରେ ଏହି ଡ୍ରେନ କାର୍ଯ୍ୟ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- ସେ ମଧ୍ୟ ୱାର୍ଡ଼ର ବିଭିନ୍ନ ସମସ୍ୟା ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ ବ୍ୟକ୍ତିଗତ ଭାବେ କମିଶନରଙ୍କ ସହ ଆଲୋଚନା କରାଯାଇ ସମାଧାନର ସୁତ୍ର ନିର୍ଦ୍ଧାରଣ କରାଯିବାକୁ, କର୍ପୋରେଟର ମାନଙ୍କୁ ସୁଯୋଗ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ।

ଅନୁମତି କ୍ରମେ କମିଶନର ଶ୍ରୀଯୁକ୍ତ ଜ୍ଞାନ ରଞ୍ଜନ ଦାସ, କାଉନସିଲର ୬ଷ୍ଠ ବୈଠକକୁ ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଦୁସ୍ଥ ଅସହାୟ BPL Family କିମ୍ବା ଦୁର୍ଘଟଣା ଜନିତ କ୍ଷେତ୍ରରେ ଜିଲ୍ଲାପାଳ ମାନଙ୍କୁ ପ୍ରଦାନ କରାଯାଇଥିବା କ୍ଷମତା ପରି, ରାଜ୍ୟ ସରକାର ୩ଟି ମହାନଗର ନିଗମର କମିଶନର ମାନଙ୍କୁ ସର୍ବୋଚ୍ଚ ୧୦,୦୦୦ ଟଙ୍କାର ସହାୟତା ରାଶି ମଞ୍ଜୁର କରିବାର କ୍ଷମତା ପ୍ରଦାନ କରିଥିବା କମିଶନର ଗୃହରେ ପ୍ରକାଶ କରିଥିଲେ । ଏହି ଯୋଜନାରେ ଅଗ୍ରୀମ ଅର୍ଥ ମଧ କଟକ ମହାନଗର ନିଗମକୁ ମଞ୍ଜୁର କରାଯାଇଥିବାରୁ, ଏହି ସହାୟତା ନିମନ୍ତେ ଆବେଦନ ପତ୍ର ସହ Detailed guideline ସମସ୍ତଙ୍କୁ ଅବଗତ କରାଯିବାକୁ କମିଶନର ପ୍ରକାଶ କରିଥିଲେ । ଗତ ତା ୧୮.୦୯.୨୦୧୪ରିଖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ CHC ଓ PHC ନିର୍ମାଣ ନିମନ୍ତେ କରାଯାଇଥିବା ସୁପାରିଶକୁ ବର୍ତମାନ ନିମନ୍ତେ ସ୍ଥଗିତ ରଖାଯାଇ, ଏ ଦିଗରେ ସମ୍ପୃକ୍ତ ବିଭାଗ ସହ ଆଲୋଚନା ଏବଂ କ୍ଷେତ୍ର ପରିଦର୍ଶନ କରାଯାଇ ସ୍ଥାନ ଗୁଡ଼ିକ ଚୁଡ଼ାନ୍ତ କରାଯିବାକୁ ପ୍ରସ୍ତାବ ଆଗତ କରିଥିଲେ । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ତା ୨୫.୦୯.୨୦୧୪ରିଖ ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ସ୍ୱଚ୍ଛତା ସପ୍ତାହ ପାଳନ କରାଯାଉଥିବା ଦୃଷ୍ଟିରୁ, ବିଭିନ୍ନ ଅଂଚଳରେ ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଇ, ଆସନ୍ତା ଦୁର୍ଗାପୂଜା ଅବସରରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ବିଭିନ୍ନ ୱାର୍ଡର ସଫାଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବାକୁ ସେ ମଧ ପ୍ରକାଶ କରିଥିଲେ । ନିଗମ ଅଂଚଳରେ ରହିଥିବା ବିଭିନ୍ନ ଶୌଚାଳୟ ଗୁଡ଼ିକର ସଫାଇ କାର୍ଯ୍ୟକ୍ରମ ମଧ ଏକ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ କରାଯିବାକୁ ସ୍ଥିର କରାଯାଇଥିବା ସେ ପ୍ରକାଶ କରିଥିଲେ । ନିଗମ ଅଧିନରେ ଅଚଳ ହୋଇଥିବା ବୈଦ୍ୟୁତିକ ଚୁଲା, ଏକ ମାସ ପୂର୍ବରୁ କାର୍ଯ୍ୟକ୍ଷମ ହୋଇଥିବା ସେ ମଧ ସୂଚନା ପ୍ରଦାନ କରିଥିଲେ । ଆସନ୍ତା ଦୁର୍ଗାପୂଜା ପରେ ପରେ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କର ପ୍ରତିମୂର୍ତି ସ୍ଥାପନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ମଧ ପ୍ରକାଶ କରିଥିଲେ । ନିଗମର ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆବଶ୍ୟକ ଥିବା ସାମଗ୍ରୀ ଗୁଡ଼ିକର ସଂଗ୍ରହଣ ନିମନ୍ତେ ମାନ୍ୟବର ମେୟର, ଡ଼େପୁଟି ମେୟର ତଥା ସମସ୍ତ ଷ୍ଟାଣ୍ଡିଙ୍ଗ କମିଟିର ଅଧ୍ୟକ୍ଷ / ଅଧ୍ୟକ୍ଷା ମାନଙ୍କ ଦ୍ୱାରା ବାରମ୍ବାର ତଦାରକ କରାଯାଉଥିବାରୁ, ଟେଣ୍ଡର ମାଧ୍ୟମରେ ଉକ୍ତ ସାମଗ୍ରୀ ଗୁଡ଼ିକର ସଂଗ୍ରହଣରେ ବିଳମ୍ବ ଘଟିଥିଲେ ମଧ, ଆସନ୍ତା ଦୁର୍ଗାପୂଜା ଉପଲକ୍ଷେ ସମସ୍ତ ସାମଗ୍ରୀ ଗୁଡ଼ିକ ପ୍ରତ୍ୟେକ ୱାର୍ଡ଼କୁ ଯୋଗାଇ ଦେବାକୁ ସେ ମଧ ପ୍ରତିଶ୍ରୃତି ଦେଇଥିଲେ । ବୈଦ୍ୟୁତିକ ସାମଗ୍ରୀରେ ୧୭ ଲକ୍ଷ ଟଙ୍କାର ଘୋଟାଲା ହୋଇଥିବା ଆଗତ ଅଭିଯୋଗ ଉପରେ ସ୍ପଷ୍ଟିକରଣ ପ୍ରଦାନ କରି ସେ କହିଥିଲେ ନିଗମ ଅଧିନରେ ରହିଥିବା Store ର Verification କାର୍ଯ୍ୟ ଚାଲୁ ରହିଛି ଏବଂ ସମ୍ପୂର୍ଣ୍ଣ ରିପୋର୍ଟ ପ୍ରଦାନ ପରେ ଏ ଦିଗରେ ସ୍ପଷ୍ଟ ଚିତ୍ର ସମସ୍ତଙ୍କୁ ଅବଗତ କରାଯିବାକୁ ସେ ମଧ ପ୍ରକାଶ କରିଥିଲେ । ବିଭିନ୍ନ ୱାର୍ଡ଼ ମାନଙ୍କରେ ବୈଦ୍ୟୁତିକ ମରାମତି କାର୍ଯ୍ୟ ଚାଲୁଥିବାର ସେ ସୂଚନା ପ୍ରଦାନ କରି ବର୍ତମାନ ସୁଦ୍ଧା ୪୯ଟି ୱାର୍ଡ଼ର ଏହି ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାର ସୂଚନା ଦେଇଥିଲେ । ସେହିପରି ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ସମ୍ପୃକ୍ତ କର୍ପୋରେଟର ମାନଙ୍କ ପରାମର୍ଶ କ୍ରମେ ନୂତନ ବୈଦ୍ୟୁତିକ ଆଲୋକ ଗୁଡ଼ିକ ସମସ୍ତ ୱାର୍ଡ଼ ମାନଙ୍କରେ ସ୍ଥାପନ ନିମନ୍ତେ ବ୍ୟବସ୍ଥା କରାଯାଉଥିବା ସେ ପ୍ରକାଶ କରିଥିଲେ । ନିଗମର ବିଭିନ୍ନ ଅଂଚଳରୁ ଠିକ୍ ସମୟରେ ଆବର୍ଜନା ଗୁଡ଼ିକ ଉଠାଯିବା ନିମନ୍ତେ, ପ୍ରତ୍ୟେକ ଦିନ SI ମାନଙ୍କ ସହ କରାଯାଉଥିବା ସମିକ୍ଷା ବୈଠକରେ ଆଲୋଚନା କରାଯାଇ, ବିଭିନ୍ନ ସମୟରେ ପ୍ରାପ୍ତ ଅଭିଯୋଗର ସମାଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସେ ପ୍ରକାଶ କରିଥିଲେ । ସେ ମଧ କର୍ପୋରେଟର ମାନଙ୍କ ଦ୍ୱାରା ପ୍ରସ୍ତାବିତ Smart City ଯୋଜନାକୁ ଅନୁମୋଦନ କରାଯିବାକୁ ମତ ଦେଇଥିଲେ । ବିଭିନ୍ନ ସ୍ଥାନରେ ଭେଣ୍ଡିଙ୍ଗ ଯୋନ ସ୍ଥାପନ ନିମନ୍ତେ କର୍ପୋରେଟର ମାନଙ୍କ ଦ୍ୱାରା ଆଗତ ପ୍ରସ୍ତାବ ଗୁଡ଼ିକ ମଧ ଅନୁଧ୍ୟାନ କରାଯାଇ କାର୍ଯ୍ୟକାରୀ କରାଯିବାକୁ ସେ ମଧ ପ୍ରତିଶ୍ରୃତି ପ୍ରଦାନ କରିଥିଲେ । ନିଗମର ବକେୟା ହୋଡ଼ିଙ୍ଗ ଲାଇସେନ୍ସ ଫି ଆଦାୟ ନିମନ୍ତେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶର ଆଧାରରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସେ ମଧ ପ୍ରକାଶ କରିଥିଲେ । କୁକୁର ବନ୍ଧ୍ୟାକରଣ ଯୋଜନା କାର୍ଯ୍ୟକାରୀ ନିମନ୍ତେ ଗତ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ CDVOଙ୍କ ପରାମର୍ଶ ଅନୁଯାୟୀ ଜଣେ ଡ଼ାକ୍ତରଙ୍କୁ ନିୟୋଜନ କରାଯିବା ନିମନ୍ତେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ମଧ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ର କର୍ମଚାରୀ ମାନଙ୍କ ସମ୍ପର୍କରେ ସମ୍ପୃକ୍ତ କର୍ପୋରେଟର ମାନଙ୍କ ଠାରୁ ମାସିକ ରିପୋର୍ଟ ପ୍ରଦାନ ପରେ, ସେମାନଙ୍କର ମାସିକ ବେତନ ପ୍ରଦାନ ସମ୍ପର୍କରେ ଆଗତ ପ୍ରସ୍ତାବକୁ ସଂଶୋଧନ କରାଯିବାକୁ ସେ ମଧ ପ୍ରସ୍ତାବ ଦେଇଥିଲେ । କେବଳ ଦୀର୍ଘ ଦିନ ଧରି କାର୍ଯ୍ୟରେ ଅନୁପସ୍ଥିତ ରହୁଥିବା କର୍ମଚାରୀଙ୍କ କ୍ଷେତ୍ରରେ ସମ୍ପୃକ୍ତ କର୍ପୋରେଟରଙ୍କ ଠାରୁ ସୂଚନା ପ୍ରାପ୍ତ ହେବା ପରେ, ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ମତ ଦେଇଥିଲେ । ହୋଲଡ଼ିଙ୍ଗ ଟ୍ୟାକ୍ସ ଆଦାୟ, ନିଗମ ଅଧିନରେ ରହିଥିବା ଟାଉନବସର ଟିକେଟ ପ୍ରଦାନ ନିମନ୍ତେ

ହାଇଟେକ ମେସିନ ବ୍ୟବହାର କରାଯିବା ନିମନ୍ତେ ମଧ୍ଯ ଚିନ୍ତା କରାଯାଉଥିବା ସେ ପ୍ରକାଶ କରିଥିଲେ । ଆସନ୍ତା ଦୁର୍ଗାପୂଜା ପରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନଙ୍କ ନିୟୋଜନ କ୍ଷେତ୍ରରେ ଏକ ସମାନୁପାତ ରକ୍ଷା କରାଯିବା ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ମଧ୍ଯ ପ୍ରକାଶ କରିଥିଲେ । ବିଭିନ୍ନ ଶ୍ମଶାନ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ କରାଯିବାକୁ, ଆଗତ ପ୍ରସ୍ତାବ ଗୁଡ଼ିକୁ ସ୍ୱାଗତ କରି ସେ କହିଥିଲେ, ପ୍ରତ୍ୟେକ ୱାର୍ଡ଼ ନିମନ୍ତେ ପ୍ରସ୍ତାବିତ ସମସ୍ତ କାର୍ଯ୍ୟ ମଧ୍ଯରୁ, ଅଗ୍ରାଧିକାର ଭିତିରେ କରାଯିବାକୁ ଥିବା ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକ ପ୍ରଥମେ ଚିହ୍ନଟ କରାଯାଇ ଏବଂ ସେଥିପାଇଁ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା ସହ କାମ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ । ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ମାଧ୍ୟମରେ ବିଭିନ୍ନ ଅଂଚଳରେ ନୂତନ ଶୌଚାଳୟ ନିର୍ମାଣ ତଥା ମରାମତି ନିମନ୍ତେ ଆଗତ ପ୍ରସ୍ତାବ ଛଡ଼ା ଅନ୍ୟ କେତେକ ଶୌଚାଳୟର ମରାମତି ନିମନ୍ତେ ପ୍ରସ୍ତାବ ଯାହାକି ଜାଇକା କିମ୍ବା ପ୍ରୋଜେକ୍ଟ ସମ୍ମାନ ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇନାହିଁ, ସେ ଗୁଡ଼ିକ ନିମନ୍ତେ ପାଣ୍ଠିର ବ୍ୟବସ୍ଥା ନିମନ୍ତେ ରାଜ୍ୟ ସରକାରଙ୍କ ନିକଟକୁ ସୁପାରିଶ କରାଯିବାକୁ ସେ ମଧ୍ଯ ମତ ଦେଇଥିଲେ । ନିଗମର ଆବଶ୍ୟକତା ଥିବା ଅତିରିକ୍ତ ଛୋଟ ସ୍ଲଜ ପମ୍ପ ସଂଗ୍ରହଣ ନିମନ୍ତେ ମଧ୍ଯ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବାର ସେ ସୂଚନା ଦେଇଥିଲେ । ଅଗ୍ରାଧିକାର ଭିତିରେ ବିଭିନ୍ନ ଅଂଚଳରେ ରହିଥିବା ଶୁଲଭ ଶୌଚାଳୟ ଗୁଡ଼ିକର ଟାଙ୍କି ସଫା କରାଯିବାକୁ ସେ ମଧ୍ଯ ନିର୍ଦ୍ଦେଶ ଦେଇଥିଲେ । ସେ ମଧ୍ଯ ଏହି ଶୌଚାଳୟ ଗୁଡ଼ିକର ଅତ୍ୟାବଶ୍ୟକ ମରାମତି କାର୍ଯ୍ୟ ନିମନ୍ତେ ପ୍ରାଧାନ୍ୟ ଦିଆଯାଇ ଅଗ୍ରାଧିକାର ଭିତିରେ କରାଯିବାକୁ ଯଥାଶିଘ୍ର ଖର୍ଚ୍ଚ ଅଟକଳ ପ୍ରସ୍ତୁତ କରାଯିବାକୁ ନିର୍ଦ୍ଦେଶ ଦେଇଥିଲେ । ନିଗମ ଅଧିନରେ ରହିଥିବା ଶବ ବାହକ ଗାଡ଼ିର ଉପଯୋଗ ନିମନ୍ତେ ଅତ୍ୟନ୍ତ ପକ୍ଷେ ବ୍ୟବହୃତ ହେଉଥିବା Fuel Cost କୁ ଭରଣା କରାଯିବା ଉଦ୍ଦେଶ୍ୟରେ, ହେଲଥ ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ଉପସ୍ଥାପନା କରାଯାଇ ବହୁ ପୂର୍ବରୁ ନିର୍ଦ୍ଧାରଣ କରାଯାଇଥିବା ଗାଡ଼ି ଭଡ଼ାର ବୃଦ୍ଧି କରାଯିବାକୁ ପ୍ରସ୍ତାବ ଦେଇଥିଲେ । ସହିଦ ପାର୍କରେ କରାଯାଉଥିବା କାର୍ଯ୍ୟର ତଦାରକ କରାଯାଇ ଯଥାଶିଘ୍ର ଏହାକୁ ସମ୍ପୂର୍ଣ୍ଣ କରାଯିବାକୁ ମଧ୍ଯ ସେ ପ୍ରସ୍ତାବ ଦେଇଥିଲେ । ବିଜୁ ପଟ୍ଟନାୟକ ଛକରେ ଡ୍ରେନ ମରାମତି କାର୍ଯ୍ୟ ମଧ୍ଯ ଅଗ୍ରାଧିକାର ଭିତିରେ କରାଯିବାକୁ ସେ ପ୍ରସ୍ତାବ ଦେଇଥିଲେ ।

ଦଶହରା ଅବସରରେ ଡ୍ରେନ ସଫା କରାଯିବା ନିମନ୍ତେ ନିୟୋଜିତ କର୍ମଚାରୀ ମାନଙ୍କୁ ଯଥାଶିଘ୍ର ନୂତନ ସରଦୀ ଏବଂ ପ୍ରତ୍ୟେକ ୱାର୍ଡ଼କୁ ଦୁଇଜଣ ଲେଖାଏଁ ଅତିରିକ୍ତ କୂଳୀର ବ୍ୟବସ୍ଥା କରାଯିବାକୁ ସଦସ୍ୟା ଶ୍ରୀଯୁକ୍ତା ରଞ୍ଜିତା ବିଶ୍ୱାଳ ପ୍ରସ୍ତାବ ଦେଇଥିଲେ ।

ନିଗମର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ଆବଶ୍ୟକ ଥିବା ସମସ୍ତ ସରଞ୍ଜାମ ମାନ ଯୋଗାଇ ଦେବାକୁ କମିଶନର ମଧ୍ଯ ନିର୍ଦ୍ଦେଶ ଦେଇଥିଲେ । ସେ ମଧ୍ଯ କଟକ ସହରର ଆଭ୍ୟନ୍ତରିଣ ଅଂଚଳର Health Sanitation ବ୍ୟବସ୍ଥାର ନିୟମିତ ତଦାରକ କରାଯିବାକୁ, ଦାୟିତ୍ୱରେ ରହିଥିବା କ୍ଷେତ୍ର କର୍ମଚାରୀ ମାନଙ୍କ ସହ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

### ଶ୍ରୀଯୁକ୍ତା ଅନିତା ନାୟକ, କର୍ପୋରେଟର, ୱାର୍ଡ଼ ନଂ-୨୨ :

- ଗୋରାକବରର ଆଭ୍ୟନ୍ତରୀଣ ଅଂଚଳକୁ ସଫା କରାଯିବାକୁ ବହୁ ପୂର୍ବରୁ ଲିଖିତ ଭାବେ ପ୍ରସ୍ତାବ ଆଗତ କରାଯାଇଥିଲେ ମଧ୍ୟ, ବର୍ତମାନ ସୁଦ୍ଧା ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେ ମଧ୍ଯ ଏହି ପ୍ରସଙ୍ଗ, ସଦସ୍ୟ ଶ୍ରୀ ରମଜାନ ଖାଁ ଉପସ୍ଥାପନ କରିଥିବାରୁ ଧନ୍ୟବାଦ ମଧ୍ଯ ଜ୍ଞାପନ କରିଥିଲେ । ଯଥାଶିଘ୍ର ଆବଶ୍ୟକ ସଂଖ୍ୟକ ବ୍ରଶ କଟର ପଠାଯାଇ, ଏହି ଐତିହାସିକ କବରପୀଠର ସଫାଇ ତଥା ପୁର୍ନରୁଦ୍ଧାର କାର୍ଯ୍ୟ କରାଯିବାକୁ ସେ ପ୍ରସ୍ତାବ ମଧ୍ଯ ଆଗତ କରିଥିଲେ ।

ଗୋରାକବରର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗର ଯୋଜନାରେ ଅର୍ନ୍ତଭୁକ୍ତ ସହ ଆବଶ୍ୟକୀୟ ପାଣ୍ଠିର ବ୍ୟବସ୍ଥା କରାଯାଇ, ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା ପ୍ରକାଶ କରିଥିଲେ ।

ଗୋରାକବରପୀଠରେ ଆବଶ୍ୟକ ଥିବା ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ଏକ ସଂସ୍ଥାଙ୍କୁ ନିୟୋଜିତ କରାଯାଇ DPR ପ୍ରସ୍ତୁତ କରାଯାଇଥିବା କମିଶନର ପ୍ରକାଶ କରିଥିଲେ ଏବଂ ଯଥାଶିଘ୍ର ଏହି ପ୍ରକଳ୍ପ କାର୍ଯ୍ୟ ନିମନ୍ତେ ପାଣ୍ଠିର ବ୍ୟବସ୍ଥା ସହ ତ୍ୱରାନ୍ୱିତ କରାଯିବାକୁ ସେ ମଧ୍ଯ ପ୍ରତିଶ୍ରୁତି ଦେଇଥିଲେ । ଏକ Massive Cleaning Drive ମାଧ୍ୟମରେ ଏହି ଅଂଚଳକୁ ସଫା କରାଯିବାକୁ ମଧ୍ଯ ନିର୍ଦ୍ଦେଶ ଦେଇଥିଲେ ।

ରାଜୀବ ଆୱାସ ଯୋଜନା ମାଧମରେ ବସ୍ତି ଅଂଚଳର ବିକାଶ ସହ ବାସ ଗୃହ ନିର୍ମାଣ ନିମନ୍ତେ ପ୍ରାପ୍ତ ହୋଇଥିବା ଅର୍ଥର ବିନିଯୋଗ କରାଯାଇ ଯଥାଶିଘ୍ର ଏହି ଯୋଜନା ମାଧମରେ ଚିହ୍ନଟ କରାଯାଇଥିବା ବସ୍ତି ବାସିନ୍ଦା ମାନଙ୍କ ନିମନ୍ତେ ବାସଗୃହ ନିର୍ମାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବାକୁ ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ଧର୍ମାନନ୍ଦ ପାତ୍ର, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ରାଜୀବ ଆୱାସ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଚିହ୍ନଟ କରାଯାଇଥିବା ବସ୍ତି ଅଂଚଳର ବିକାଶ ତଥା ବାସଗୃହ ନିର୍ମାଣ ନିମନ୍ତେ କୌଣସି ଟେଣ୍ଡର ପ୍ରାପ୍ତ ହୋଇନଥିବାରୁ, ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ NBCC ସଂସ୍ଥାଙ୍କ ମାଧମରେ ଏହି କାର୍ଯ୍ୟ କରାଯିବାକୁ, ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା କମିଶନର ପ୍ରକାଶ କରିଥିଲେ ।

ସଦସ୍ୟା ଶ୍ରୀଯୁକ୍ତା ରାଜ କୁମାରୀ ସ୍ୱାଇଁ ନିଗମ ଅଂଚଳର ୪ଟି ୱାର୍ଡ଼ ନିମନ୍ତେ ମାତ୍ର ୩ ଜଣ ବୁଶ କଟର ପ୍ରଦାନ କରାଯାଇଥିବାରୁ, ଉକ୍ତ ୱାର୍ଡ଼ ଗୁଡ଼ିକର ସମ୍ପୂର୍ଣ୍ଣ ବୁଶ କଟିଙ୍ଗ ବ୍ୟବସ୍ଥା ନିମନ୍ତେ କେତେକ ଅତିରିକ୍ତ ବୁଶ କଟର ଯୋଗାଇ ଦେବା ନିମନ୍ତେ, କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତା ଏ. ଶ୍ରୀଦେବୀ , ଅଧକ୍ଷା, ଏଜୁକେସନ ରିକ୍ରେସନ ଏବଂ କଲଚରାଲ ଷ୍ଟାଣ୍ଡିଙ୍ଗ କମିଟି:**

- ବୈଠକରେ ସମସ୍ତଙ୍କୁ ଶାରଦୀୟ ଅଭିନନ୍ଦନ ଜ୍ଞାପନ କରି, ୱାର୍ଡ଼ର ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଏକ ଗୃହରେ ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିର ଚିକିତ୍ସା ନିମନ୍ତେ ସାହାର୍ଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଥିବାରୁ, ଏଥିପାଇଁ ମାନ୍ୟବର ମେୟର ତଥା କମିଶନର, ଜିଲ୍ଲାପାଳ, ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ତଥା ସଦସ୍ୟ ଶ୍ରୀଯୁକ୍ତ ରମଜାନ ଖାଁଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ସେହିପରି ୱାର୍ଡ଼ ମଧରେ ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବା ଗୃହ ଗୁଡ଼ିକ ଚିହ୍ନଟ କରାଯାଇ ଏକ ତାଲିକା CDA ତଥା CMC ରେ ଦାଖଲ କରାଯାଇଥିବାରୁ, ତୁରନ୍ତ ଏ ଦିଗରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଓ ପଦକ୍ଷେପ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ବିଭିନ୍ନ ସମୟରେ କାଉନସିଲ ବୈଠକ ଏବଂ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ନିମନ୍ତେ Contingency Fund ର ବିନିଯୋଗ କରାଯାଇ ଆବଶ୍ୟକୀୟ ଖର୍ଚ୍ଚକୁ ଭରଣା କରାଯିବାକୁ, ରାଜ୍ୟ ସରକାରଙ୍କ ନିକଟକୁ ଏକ ପ୍ରସ୍ତାବ ପଠାଯିବା ନିମନ୍ତେ ସଦସ୍ୟ ସର୍ବଶ୍ରୀ ହୃଷିକେଶ ପ୍ରଧାନ ଏବଂ ବିକାଶ ରଞ୍ଜନ ବେହେରା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ବିକାଶ ଭବନ ପରିସର ମଧରେ ରହିଥିବା Toilet ଗୁଡ଼ିକର ଯଥାଶିଘ୍ର ଆବଶ୍ୟକୀୟ ମରାମତି କାର୍ଯ୍ୟ କରାଯିବାକୁ ପ୍ଲାନିଙ୍ଗ ଆଣ୍ଡ ଡ଼େଭଲପମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟିର ଅଧକ୍ଷ ଶ୍ରୀଯୁକ୍ତ ମନୋଜ କୁମାର ସେଠୀ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

**ଶ୍ରୀଯୁକ୍ତ ଚିରଞ୍ଜୟ ସାହୁ, ଅଧକ୍ଷ, ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି :**

- ସମସ୍ତଙ୍କୁ ଶାରଦୀୟ ତଥା ଇଦ୍ ଅଭିନନ୍ଦନ ଜ୍ଞାପନ କରି, କର୍ପୋରେଟର ମାନଙ୍କ ନିମନ୍ତେ Health Insurance Scheme ରେ ଅର୍ନ୍ତଭୁକ୍ତ କରାଯାଇ ଏହି ଯୋଜନା ମାଧମରେ ଉପକୃତ ହେବା ନିମନ୍ତେ, ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।
- ନିଗମ ଅଂଚଳରେ ରହିଥିବା ବିଭିନ୍ନ ଶ୍ମସାନ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ ନିମନ୍ତେ ପୂର୍ବରୁ ଏକ DPR ପ୍ରସ୍ତୁତ କରାଯାଇ, ପାଣ୍ଠିର ବ୍ୟବସ୍ଥା ନିମନ୍ତେ ରାଜ୍ୟ ସରକାରଙ୍କ ନିକଟକୁ ଏକ ପ୍ରସ୍ତାବ ପଠାଯାଇଥିବା ଦୃଷ୍ଟିରୁ, ଏହି ପ୍ରସ୍ତାବକୁ ସରକାରୀ ସ୍ତରରେ ତ୍ୱରାନ୍ୱିତ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।
- କାଉନସିଲରେ ବିଭିନ୍ନ ସମୟରେ ଗ୍ରହଣ କରାଯାଉଥିବା ନିଷ୍ପତି ଗୁଡ଼ିକ, ନିଗମର ସମ୍ପୃକ୍ତ ବିଭାଗ ଦ୍ୱାରା ଠିକ୍ ସମୟରେ କାର୍ଯ୍ୟକାରୀ କରାଯିବା ନିମନ୍ତେ, କମିଶନରଙ୍କ ଦ୍ୱାରା ନିୟମିତ ସମିକ୍ଷା କରାଯିବାକୁ ପ୍ରସ୍ତାବ ଦେଇଥିଲେ ।
- ବୈଠକରେ Vending Zone ଏବଂ ୱାର୍ଡ଼ କଲ୍ୟାଣ ସମିତି ଗଠନ ସମ୍ପର୍କରେ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ନାମାର ଓଡ଼ିଆ ଅନୁବାଦ, ସମସ୍ତ କର୍ପୋରେଟର ମାନଙ୍କୁ ପ୍ରଦାନ କରାଯିବାକୁ ପ୍ରସ୍ତାବ ଦେଇଥିଲେ ଏବଂ ଏ ସମ୍ପର୍କରେ ସ୍ୱତନ୍ତ୍ର ଭାବେ ବିସ୍ତୃତ ଆଲୋଚନା ନିମନ୍ତେ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ଶ୍ରୀଯୁକ୍ତା ନମିତା ବାରିକ, କର୍ପୋରେଟର, ୱାର୍ଡ଼ ନଂ-୦୮ :**

- ୱାର୍ଡ଼ ନିମନ୍ତେ ଅତିରିକ୍ତ ବୁଶ କଟର ପଠାଯିବା ତଥା ୱାର୍ଡ଼ ମଧରେ ଦୁଇଟି ଶୌଚାଳୟ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହିଥିବାରୁ ଯଥାଶିଘ୍ର ଏ ଗୁଡ଼ିକର ପୁର୍ନରୁଦ୍ଧାର କାର୍ଯ୍ୟ କରାଯିବାକୁ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

❖ ୱାର୍ଡ଼ ମଧରେ ରହିଥିବା ପମ୍ପ ହାଉସକୁ ବୈଦ୍ୟୁତିକ କରଣ କରାଯିବାକୁ ପ୍ରସ୍ତାବ ମଧ ଦେଇଥିଲେ ।

❖ ଚହଟା ଅଂଚଳରେ ଏକ ଉପଯୁକ୍ତ ସ୍ଥାନ ଚିହ୍ନଟ କରାଯାଇ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବାକୁ ପ୍ରସ୍ତାବ ଆଗତ କରିଥିଲେ ।

❖ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଗମ ଅଧିନରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ ମାନଙ୍କର Upgradation ଏବଂ Restructuring ପ୍ରସ୍ତାବକୁ ଅନୁମୋଦନ କରାଯାଇ, ରାଜ୍ୟ ସରକାରଙ୍କ ନିକଟକୁ ଏ ଦିଗରେ ପ୍ରସ୍ତାବ ପଠାଯିବା ନିମନ୍ତେ ସଦସ୍ୟ ଶ୍ରୀଯୁକ୍ତ ବିକାଶ ରଞ୍ଜନ ବେହେରା କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହି ପ୍ରସ୍ତାବର ଅନୁମୋଦନ କରାଯାଇ, ଏ ଦିଗରେ ଆବଶ୍ୟକ ହେଉଥିବା ଅତିରିକ୍ତ ବ୍ୟୟ ଭାରକୁ ନିଗମ ପାଣ୍ଠିରୁ ଭରଣା କରାଯିବାକୁ କମିଶନର ପ୍ରସ୍ତାବ ଦେଇଥିଲେ ।

ବିଭିନ୍ନ ୱାର୍ଡ଼ ମାନଙ୍କରେ କନିଷ୍ଠ ଯନ୍ତ୍ରୀଙ୍କ ଆବଣ୍ଟନ ଭଳି, ୱାର୍କ ସରକାର ମାନଙ୍କର ୱାର୍ଡ଼ ୱାରୀ ପୁନଃ ଆବଣ୍ଟନ କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ହେମନ୍ତ କୁମାର ବେହେରା ପ୍ରସ୍ତାବ ଦେଇଥିଲେ ।

ସ୍ମାର୍ଟ ସିଟି ନିମନ୍ତେ ଆଗତ ପ୍ରସ୍ତାବ ଉପରେ ସ୍ୱତନ୍ତ୍ର ଭାବେ ବିସ୍ତୃତ ଆଲୋଚନା କରାଯିବାକୁ ସଦସ୍ୟ ଶ୍ରୀଯୁକ୍ତ ରଞ୍ଜନ କୁମାର ବିଶ୍ୱାଳ ପ୍ରସ୍ତାବ ଦେଇଥିଲେ ।

ଏହାପରେ ବୈଠକରେ ଉପସ୍ଥାପନା କରାଯାଇଥିବା ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ନିମ୍ନଲିଖିତ ନିଷ୍ପତି ଗ୍ରହଣ କରାଗଲା ।

**ପ୍ରସ୍ତାବ ନଂ-୧.** ଗତ ତା. ୩୧-୦୭-୨୦୧୪ରିଖ ବୈଠକର ୫ମ ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୧ :** ଗତ ତା. ୩୧-୦୭-୨୦୧୪ରିଖ ବୈଠକର ୫ମ ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା । ଉକ୍ତ ବୈଠକ ବିବରଣୀର ପୃଷ୍ଠା-୧୭ ପାରା-୬ର ମୁଦ୍ରଣ ଜନୀତ ତ୍ରୁଟିକୁ ନିମ୍ନମତେ ସଂଶୋଧନ କରାଗଲା ।

" ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଗମର ବିଭିନ୍ନ ଅଂଚଳର Cattle Seizure ର ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଚିଠା କାର୍ଯ୍ୟପନ୍ଥା ଏବଂ ଜରିମାନା ଆଦାୟର ହାରକୁ ଅନୁମୋଦନ କରାଯିବାକୁ, କମିଶନର ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ଅନୁରୋଧ କରିଥିଲେ । "

**ପ୍ରସ୍ତାବ ନଂ-୨.** ଗତ ତା. ୨୭-୦୮-୨୦୧୪ରିଖ ଦୁର୍ଗାପୂଜା ଉତ୍ସବ ପ୍ରସ୍ତୁତି ନିମନ୍ତେ ନିଗମର ସ୍ୱତନ୍ତ୍ର ସାଧାରଣ ବୈଠକର ବିବରଣୀ ଦୃଢ଼ୀକରଣ ।

**ନିର୍ଦ୍ଧାରଣ-୨ :** ଗତ ତା. ୨୭-୦୮-୨୦୧୪ରିଖ ଦୁର୍ଗାପୂଜା ଉତ୍ସବ ପ୍ରସ୍ତୁତି ନିମନ୍ତେ ନିଗମର ସ୍ୱତନ୍ତ୍ର ସାଧାରଣ ଅଧିବେଶନର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ପ୍ରସ୍ତାବ ନଂ-୩.** ନିମ୍ନଲିଖିତ ଷ୍ଟାଣ୍ଡିଙ୍ଗ କମିଟି ଗୁଡ଼ିକର ବିବରଣୀ ପଠନ ଓ ଦୃଢ଼ୀକରଣ ।

**ନିର୍ଦ୍ଧାରଣ ନଂ-୩.୧** ଗତ ୦୭.୦୮.୧୪ରିଖ ଲାଇସେନ୍ସ ଆଣ୍ଡ୍ ଅପିଲ ଷ୍ଟାଣ୍ଡିଙ୍ଗ୍ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୨** ଗତ ତା ୧୨.୦୮.୨୦୧୪ରିଖ ଗ୍ରୀଭାନସ୍ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।।

**ନିର୍ଦ୍ଧାରଣ ନଂ-୩.୩** ଗତ ତା ୧୩.୦୮.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।।

**ନିର୍ଦ୍ଧାରଣ ନଂ-୩.୪** ଗତ ତା ୧୪.୦୮.୨୦୧୪ରିଖ ଲାଇସେନସ୍ ଆଣ୍ଡ ଅପିଲ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୫** ଗତ ତା ୧୮.୦୮.୨୦୧୪ରିଖ ଗ୍ରୀଭାନସ୍ ଆଣ୍ଡ ସୋସିଆଲ ଜଷ୍ଟିସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୬** ଗତ ତା ୧୯.୦୮.୨୦୧୪ରିଖ ପବ୍ଲିକ୍ ହେଲଥ୍, ୱାଟର ସପ୍ଲାଏ, ଇଲେକ୍ଟ୍ରିକ୍ ସପ୍ଲାଏ, ଡ୍ରେନେଜ୍ ଆଣ୍ଡ୍ ଏନଭାଇରନମେଣ୍ଟ୍ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା । ଉକ୍ତ ବିବରଣୀର କ୍ରମିକ ନଂ-୬ ଦ୍ୱାରା ଆଗତ ପ୍ରସ୍ତାବ ସମ୍ପୃକ୍ତ କର୍ପୋରେଟର ମାନଙ୍କ ଠାରୁ ସ୍ୱାସ୍ଥ୍ୟ ବିଭାଗର ନିୟୋଜିତ କ୍ଷେତ୍ର କର୍ମଚାରୀଙ୍କ ନିମନ୍ତେ ମାସିକ ରିପୋର୍ଟ ପ୍ରଦାନ ପ୍ରସ୍ତାବକୁ ସଂଶୋଧନ କରାଯାଇ, କେବଳ ଦୀର୍ଘଦିନ ଧରି କାର୍ଯ୍ୟରେ ଅନୁପସ୍ଥିତ ରହୁଥିବା କର୍ମଚାରୀଙ୍କ କ୍ଷେତ୍ରରେ ସମ୍ପୃକ୍ତ କର୍ପୋରେଟରଙ୍କ ଠାରୁ ସୂଚନା ପ୍ରାପ୍ତ ହେବା ପରେ, ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

**ନିର୍ଦ୍ଧାରଣ ନଂ-୩.୭** ଗତ ତା ୨୦.୦୮.୨୦୧୪ରିଖ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୮** ଗତ ତା ୨୨.୦୮.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୯** ଗତ ତା ୧୫.୦୯.୨୦୧୪ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୦** ଗତ ତା ୧୫.୦୯.୨୦୧୪ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୧** ଗତ ତା ୧୮.୦୯.୨୦୧୪ରିଖ ପବ୍ଲିକ୍ ହେଲଥ୍, ୱାଟର ସପ୍ଲାଏ, ଇଲେକ୍ଟ୍ରିକ୍ ସପ୍ଲାଏ, ଡ୍ରେନେଜ୍ ଆଣ୍ଡ୍ ଏନଭାଇରନମେଣ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀର କ୍ରମିକ ନଂ-୮ ମାଧ୍ୟମରେ ଆଗତ ପ୍ରସ୍ତାବକୁ ସ୍ଥଗିତ ରଖାଯାଇ ଅନ୍ୟ ସମସ୍ତ ପ୍ରସ୍ତାବ ଗୁଡ଼ିକ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୨** ଗତ ତା ୨୨.୦୯.୨୦୧୪ରିଖ ପବ୍ଲିକ ୱାର୍କସ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୩.୧୩**ଗତ ତା ୨୫.୦୯.୨୦୧୪ରିଖ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଙ୍ଗ କମିଟି ବୈଠକର ବିବରଣୀ ସର୍ବ ସମ୍ମ-ତି କ୍ରମେ ଦୃଢ଼ୀକରଣ କରାଗଲା ।

**ନିର୍ଦ୍ଧାରଣ ନଂ-୪. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବ ଏବଂ କର୍ପୋରେଟର ମାନଙ୍କ ସହ କରାଯାଇଥିବା ଆଲୋଚନା ଅନୁଯାୟୀ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ବିସ୍ତୃତ ଆଲୋଚନା କରାଯାଇ ଅନୁମୋଦନ କରାଗଲା ।**

୧. ପୂର୍ବରୁ ଗ୍ରହଣ କରାଯାଇଥିବା ନିଷ୍ପତି ଅନୁଯାୟୀ ଯଥାଶିଘ୍ର ଅଗ୍ରାଧିକାର ଭିତିରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ବିନୋଦ କାନୁନ୍‌ଗୋଙ୍କର ପ୍ରତିମୂର୍ତି ମଲ୍ଲୀଚଣ୍ଡିଆ ଛକର ନିରୁପିତ ସ୍ଥାନରେ ପୁନଃ ସ୍ଥାପନ ନିମନ୍ତେ ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର କରାଗଲା ।

୨. ଏକ Massive Cleaning Drive ମାଧ୍ୟମରେ ନିଗମର ସ୍ୱାସ୍ଥ୍ୟ ବିଭାଗର କ୍ଷେତ୍ର କର୍ମଚାରୀ ମାନଙ୍କୁ ନିୟୋଜିତ କରାଯାଇ, ଗୋରାକବରର ଆଭ୍ୟନ୍ତରିଣ ଅଂଚଳ ସଫା କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୩. କଟକ ସହରର ଜଳନିଷ୍କାସନର ବ୍ୟବସ୍ଥା ନିମନ୍ତେ, ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶର ଆଧାରରେ ୫ ଗୋଟି Trolley Mounted Pumps ସଂଗ୍ରହଣ ନିମନ୍ତେ ଗତ ତା ୧୮.୦୯.୨୦୧୪ରିଖ ପବ୍ଲିକ ହେଲଥ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା କରାଯାଇଥିବା ସୁପାରିଶ ତଥା ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ କରାଯାଇଥିବା ପ୍ରସ୍ତାବକୁ ଅନୁଧ୍ୟାନ କରାଯାଇ, ଏହି ବ୍ୟବସ୍ଥା ନିମନ୍ତେ ୫ ଗୋଟି PT 6 LT Model ର ପମ୍ପସେଟ୍ M/s. Wacker Neuson Equipment Private Limited

ଠାରୁ ଉକ୍ତ କମ୍ପାନୀ ଦ୍ୱାରା ନିର୍ଦ୍ଧାରିତ ଦରରେ ସରକାରଙ୍କ ଅନୁମୋଦନ ପ୍ରାପ୍ତ ହେବାପରେ ସଂଗ୍ରହଣ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ସୁପାରିଶ କରାଯିବାକୁ ସ୍ଥିର କରାଗଲା ।

୪. ନିଗମର ଟ୍ୟାକ୍ସସେସନ ଫାଇନାନ୍ସ ଷ୍ଟାଣ୍ଡିଙ୍ଗ କମିଟି ଦ୍ୱାରା 13th Finance Commission recommended General Area Basis Grant for the Year-2014-15 ନିମନ୍ତେ ସୁପାରିଶ କରାଯାଇଥିବା ସଂଶୋଧିତ ACTION PLAN କୁ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

୫. ନିଗମ ଅଂଚଳରେ ରହିଥିବା ସମସ୍ତ ଶୌଚାଳୟ ଗୁଡ଼ିକର ଟାଙ୍କି ସଫା କରାଯିବା ନିମନ୍ତେ, ନିଗମ ଅଧିନରେ ରହିଥିବା ସ୍ଲଜ ପମ୍ପି ଗୁଡ଼ିକର ଉପଯୋଗ ଅଗ୍ରାଧିକାର ଭିତିରେ କରାଯିବାକୁ ସ୍ଥିର କରାଗଲା ।

୬. ଦୂର୍ଗା ପୂଜା ଅବସରରେ ନିଗମ ଅଂଚଳରେ ରହିଥିବା ସମସ୍ତ Public Toilet ଗୁଡ଼ିକର ଆବଶ୍ୟକୀୟ Minor Repair କାର୍ଯ୍ୟ ଅଗ୍ରାଧିକାର ଭିତିରେ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

୭. ଆସନ୍ତା ଦୁର୍ଗାପୂଜା ଅବସରରେ ୱାର୍ଡ଼ ନିମନ୍ତେ ନିର୍ଦ୍ଧାରିତ ଖର୍ଚ୍ଚ ଅଟକଳ ମଧରେ, ସଦସ୍ୟ ଶ୍ରୀଯୁକ୍ତ ମନୋଜ କୁମାର ସେଠୀ କର୍ପୋରେଟର, ୱାର୍ଡ଼ ନଂ-୩୩ ପ୍ରଦାନ କରିଥିବା ନିମ୍ନଲିଖିତ କାର୍ଯ୍ୟ ଗୁଡ଼ିକ ଯନ୍ତ୍ରୀ ବିଭାଗ ଦ୍ୱାରା ଅନୁଧାନ କରାଯାଇ, କାର୍ଯ୍ୟକାରୀ କରାଯିବାକୁ ଅନୁମୋଦନ କରାଗଲା ।

1. Minor repair to road from Friend's Colony Siba Mandir to Sk. Habib res at Gamandia in Ward No-33
2. Minor repair of road from Sk. Habib res to Sri Prasanta Nanda res of Kesharpur in Ward No-33

୮. ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ମ୍ୟୁନିସିପାଲିଟି ତଥା ମହାନଗର ନିଗମରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ Upgradation / Restructuring ମଞ୍ଜୁର କରାଯାଇଥିବା ଦୃଷ୍ଟିରୁ, ଏଥି ନିମନ୍ତେ ଆବଶ୍ୟକ ହେଉଥିବା ଅତିରିକ୍ତ ବ୍ୟୟ ଭାରକୁ ନିଗମ ପକ୍ଷରୁ ବହନ କରାଯିବା ନିମନ୍ତେ ଆଗତ ପ୍ରସ୍ତାବକୁ ଅନୁଧାନ କରାଯାଇ, ଆବଶ୍ୟକ ହେଉଥିବା ଅତିରିକ୍ତ ପାଣ୍ଠିର ଆକଳନ କରାଯାଇ, ଉକ୍ତ ଅତିରିକ୍ତ ବ୍ୟୟ ଭାରକୁ ନିଗମର ନିଜସ୍ୱ ପାଣ୍ଠିରୁ ବହନ କରାଯିବା ନିମନ୍ତେ ସ୍ଥିର କରାଯିବା ସହ, ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗକୁ ଉପଯୁକ୍ତ ପ୍ରସ୍ତାବ ପଠାଯିବା ନିମନ୍ତେ ନିଷ୍ପତି ଗ୍ରହଣ କରାଗଲା ।

୯. ନିଗମର ଯନ୍ତ୍ରୀ ବିଭାଗ ଦ୍ୱାରା ଆଗତ ପ୍ରସ୍ତାବକୁ ଅନୁଧାନ କରାଯାଇ ନିମ୍ନମତେ ଅନୁମୋଦନ କରାଗଲା ।

1. Post facto approval has been accorded for incurring expenditure of Rs. 39,678/- on account of Repairing of Cremation Furnance at Khannagar (File III Engg-2584/2013)

୧୦. କଟକ ସହରକୁ ସ୍ମାର୍ଟ ସିଟିର ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗତ ପ୍ରସ୍ତାବ ସମ୍ପର୍କରେ ସ୍ୱତନ୍ତ୍ର ଭାବେ ବିସ୍ତୃତ ଆଲୋଚନା କରାଯାଇ ଏକ ତଥ୍ୟ ଭିତିକ ରିପୋର୍ଟ ପ୍ରସ୍ତୁତ କରାଯିବାକୁ ନିଷ୍ପତି ଗ୍ରହଣ କରାଗଲା ।

ସର୍ବଶେଷରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ମାନ୍ୟବର ଡେପୁଟି ମେୟର ଶ୍ରୀଯୁକ୍ତ ଅଜୟ କୁମାର ବାରିକ ଧନ୍ୟବାଦ ଜ୍ଞାପନ କରିବା ସହ, ଆଗାମୀ ଦଶହରା ତଥା ଇଦ୍ ଉତ୍ସବ ନିମନ୍ତେ ଅଭିନନ୍ଦନ ଜ୍ଞାପନ କରିବା ପରେ ସଭା ସାଙ୍ଗ କରାଯାଇଥିଲା ।

**ସ୍ୱା-ଅନିତା ବେହେରା**
**ମେୟର**
**କଟକ ମହାନଗର ନିଗମ**

ଜ୍ଞାପକ ସଂ. ୩୬୨ .ତା ୨୫.୧୦.୨୦୧୪

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ପୌର ପ୍ରଶାସନ ଏବଂ ପଦ ପ୍ରଯୁକ୍ତ ଅତିରିକ୍ତ ଶାସନ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର / ସଚୀବ, ରାଜସ୍ୱ କମିଶନର (କେନ୍ଦ୍ରାଂଚଳ), କଟକ / ଜିଲ୍ଲାପାଳ, କଟକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୩୬୩ .ତା ୨୫.୧୦.୨୦୧୪

ଏହାର ଏକକିତା ନକଲ ସହ ବିବରଣୀ ନକଲ କଟକ ମହାନଗର ନିଗମର ମେୟର / ଡ଼େପୁଟି ମେୟର / ସମସ୍ତ କର୍ପୋରେଟରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୩୬୪ .ତା ୨୫.୧୦.୨୦୧୪

ଏହାର ଏକକିତା ନକଲ ସହ ବିବରଣୀ ନକଲ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ,କଟକ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ

ଜ୍ଞାପକ ସଂ ୩୬୫ .ତା ୨୫.୧୦.୨୦୧୪

ଏହାର ଏକକିତା ନକଲ ସହ ବିବରଣୀ ନକଲ ମ୍ୟୁନିସିପାଲ କମିଶନର / ଅତିରିକ୍ତ କମିଶନର / ଡ଼େପୁଟି କମିଶନର / ନଗର ଯନ୍ତ୍ରୀ / ନଗର ସ୍ୱାସ୍ଥ୍ୟ ଅଧିକାରୀ / ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ / ନିର୍ବାହୀ ଯନ୍ତ୍ରୀ(୧ ଓ୨) / ପ୍ରତିଷ୍ଠାନ ଅଧିକାରୀ / ସେକ୍ରେଟେରୀ / ବସ୍ତି ଉନ୍ନୟନ ଅଧିକାରୀ / ବିତ ଅଧିକାରୀ / ରିକଭରୀ ଅଫିସର / ସହକାରୀ ଆଇନ ଅଧିକାରୀ / ମୁଖ୍ୟ ସମିକ୍ଷକ / ସମସ୍ତ ସହକାରୀ ଯନ୍ତ୍ରୀ / ସମସ୍ତ କନିଷ୍ଠ ଯନ୍ତ୍ରୀ / ସମସ୍ତ ମୁଖ୍ୟ ସହାୟକ / ଅଭିଯୋଗ ପ୍ରକୋଷ୍ଠ, କଟକ ମହାନଗର ନିଗମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସ୍ୱା-ନିର୍ମଳ ଚନ୍ଦ୍ର ନାୟକ
ଉପ ସଚିବ
କଟକ ମହାନଗର ନିଗମ, କଟକ